**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୭,୧୩,୬୨,୪୭୭ | ୫୩,୩୨,୬୪୯ | ୨୪,୩୯,୯୪,୩୩୮ |
| ଭାରତ | ୩,୪୭,୦୩,୬୪୪ | ୪,୭୫,୮୮୮ | ୩,୪୧,୩୮,୭୬୩ |
| ଓଡ଼ିଶା | ୧୦,୫୧,୯୨୭ | ୮୪୩୭(+୫୩) | ୧୦,୪୧,୭୨୮ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



## ସଂକ୍ଷେପରେ

### କିରୋସିନ ପିଇ ଶିଶୁ ମୃତ

ସୋର, ୧୪।୧୨(ଡି.ଏନ୍.ଏ.): ବାଲେଶ୍ୱର ଜିଲା ସୋର ଥାନା ଅଧୀନ ମୁଳିସିଂ ପଞ୍ଚାୟତ ଦେଉଳିସାହି ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଗୁପ୍ତପ୍ରସାଦ ପୋଥାଙ୍କ ଦେଢ଼ବର୍ଷର ପୁଅ ଦେବାଶିଷ ଅପରାହ୍ନ ସମୟରେ ଖେଳୁଥିବା ବେଳେ କିରୋସିନ ପିଇଦେଇଥିଲା। ଏପରିରେ ତାଙ୍କର ପ୍ରବଳ ବାନ୍ତି ହୋଇଥିଲା। ବାନ୍ତିରେ ରକ୍ତ ପଡ଼ିବାରୁ ପରେ ଲୋକେ ସନ୍ଦେହ କରି ତାକୁ ତୁରନ୍ତ ସୋର ଡାକ୍ତରଖାନାକୁ ନେଇଯାଇଥିଲେ। ସୋରରେ ଚିକିତ୍ସାଧୀନ ଅବସ୍ଥାରେ ଶିଶୁଟିର ମୃତ୍ୟୁ ହୋଇଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମାଞ୍ଚଳ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

### ଜେଲରୁ ଫେରାର କଏଦୀଙ୍କ ସୁରାକ ମିଳୁନି

ଫୁଲବାଣୀ ଅଫିସ,୧୪।୧୨: କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଜେଲରୁ ସୋମବାର ସନ୍ଧ୍ୟାରୁ କଏଦୀ ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଅଞ୍ଚଳର ଟୁକୁନା ମାଳି ଝରକା ଗ୍ରୀଲ ଭାଙ୍ଗି ଫେରାର ହୋଇଯାଇଛନ୍ତି। ଏହି ଘଟଣାର ୨୪ ଘଣ୍ଟା ବିତିଯାଇଥିଲେ ବି ପୋଲିସକୁ କୌଣସି ସୁରାକ ମିଳୁନାହିଁ । ଜେଲ କର୍ତ୍ତୃପକ୍ଷଙ୍କ ଏତଲା ଆଧାରରେ ଏ ନେଇ ବାଲିଗୁଡା ଥାନାରେ ନଂ.୨୬୯/୨୧ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନାଧିକାରୀ ବାବା ଶଙ୍କର ସରାଫ ସୂଚନା ଦେଇଛନ୍ତି। ବାଲିଗୁଡା ଏସ୍‌ଡିପିଓ ଦାୟିତ୍ୱରେ ଥିବା ଅଧିକାରୀ କୃଷ୍ଣପ୍ରସାଦ ପଟ୍ଟନାୟକ ଜେଲକୁ ଯାଇ ଘଟଣାର ତଦନ୍ତ କରିଛନ୍ତି। କଏଦୀ ଟୁକୁନା ଏକ ହତ୍ୟା ମାମଲାରେ ଅଭିଯୁକ୍ତ ହୋଇ ବାଲିଗୁଡ଼ା ଜେଲରେ ପ୍ରାୟ ଦେଢ ବର୍ଷ ହେଲା ସଜା କାଟୁଥିଲେ । ସୋମବାର ସେ ଜେଲରୁ ଫେରାର ଘଟଣାକୁ ନେଇ ଜେଲର ପାଟି ଫିଟାଉ ନଥିବା ବେଳେ ପୋଲିସର ତଦନ୍ତ ମଧ ବିଶେଷ ଆଗେଇ ପାରିନାହିଁ। କଡା ସୁରକ୍ଷା ମଧରେ ରହିଥିବା ଏହି ଜେଲରୁ ଜଣେ କଏଦୀ କିପରି ଫେରାର ହୋଇପାରିଲା ତାହା ଏବେ ଏକ ପ୍ରଶ୍ନବାଚୀ ହୋଇଛି। କଏଦୀ ଜଣକ ଝରକା ଗ୍ରୀଲ କାଟିବା ପାଇଁ ଯନ୍ତ୍ରପାତି କେଉଁଠୁ ପାଇଲେ ତାହା ମଧ ପ୍ରଶ୍ନ ସୃଷ୍ଟି କରୁଛି । ଏ ସମସ୍ତ ଘଟଣା ଜେଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ଓ ସଚ୍ଚୋଟତାକୁ ସନ୍ଦେହଘେରକୁ ଆଣିଛି ।

### ବଳାତ୍କାରୀଙ୍କୁ ୧୦ବର୍ଷ ଜେଲ

ବାରିପଦା ଅଫିସ,୧୪।୧୨: ମୟୂରଭଞ୍ଜ ଜିଲା ବାରିପଦା ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ମଙ୍ଗଳବାର ଏକ ଶିଶୁ କନ୍ୟା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁମିତା ଜେନା ଏହାର ବିଚାର କରି ଦୋଷୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଯାମଦା ଥାନା ଅଧୀନ ଖଇରପାଳ ଗ୍ରାମର ଦରଘା ବରଦା(୬୨)। ମାମଲାର ବିବରଣୀ ଅନୁଯାୟୀ, ୨୦୧୪ ମାର୍ଚ୍ଚ ୧୪ରେ ମା’ ବାପା ଏକ ବିବାହ ଭୋଜିକୁ ଯାଇଥିଲା ବେଳେ ଅଭିଯୁକ୍ତ ଦରଘା ତାଙ୍କର ଅଢେଇବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର କରି ଏକ ନିଛାଟିଆ ସ୍ଥାନରେ ଛାଡ଼ି ଦେଇ ପଳାଇ ଆସିଥିଲେ। ଏନେଇ ପରିବାର ଲୋକଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୯/୨୦୧୪) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ସ୍ୱତନ୍ତ୍ର ସରକାରୀ ଆଇନଜୀବୀ ଭାବେ ଅଭିନ୍ନ କୁମାର ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# ବନ୍ୟପ୍ରାଣୀଙ୍କୁ ବିପଦ କୃତ୍ରିମ ଜଳଧାରଣ ଗାତ

ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)

ପ୍ରାକୃତିକ ଜଙ୍ଗଲରେ ଆର୍ଦ୍ରତା ସଂରକ୍ଷଣରେ ଉନ୍ନତି ଆଣିବା ପାଇଁ ଓଡ଼ିଶା ବନ ବିଭାଗ କୃତ୍ରିମ ଗାତ ଖୋଳୁଛି। ଗତ ୪-୫ ବର୍ଷ ହେଲା ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଏଭଳି ଗାତ ସବୁ ରହିଛି। ଏହି ଗାତଗୁଡ଼ିକ ସ୍ଥାନୀୟ ଉଦ୍ଭିଦ ଏବଂ ଜୀବଜନ୍ତୁ ଉପରେ ପ୍ରତିକୂଳ ପ୍ରଭାବ ପକାଇବା ସମ୍ଭାବନା ଯଥେଷ୍ଟ ଅଧିକ ରହିଥିବା ବନ୍ୟପ୍ରାଣୀ ବିଶେଷଜ୍ଞମାନେ ମତପ୍ରକାଶ କରୁଛନ୍ତି। ତେଣୁ ଏହାକୁ ବନ୍ଦ କରିବା ପାଇଁ ଦାବି ଉଠିଲାଣି। ଏ ନେଇ ୱାଇଲ୍ଡ ଲାଇଫ୍ ସୋସାଇଟି ଅଫ୍ ଓଡ଼ିଶା (ଡବ୍ଲ୍ୟୁଏସ୍‌ଓ) ତରଫରୁ ରାଜ୍ୟ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ ନିକଟକୁ ତଥ୍ୟଭିତ୍ତିକ ଅଭିଯୋଗପତ୍ର ଦିଆଯାଇଛି।

ଏହି ଅଭିଯୋଗପତ୍ରରେ ଡବ୍ଲ୍ୟୁଏସ୍‌ଓ ସମ୍ପାଦକ ବିଶ୍ୱଜିତ୍ ମହାନ୍ତି ଢେଙ୍କାନାଳ ଡିଭିଜନ ଅନ୍ତର୍ଗତ କାମାକ୍ଷାନଗର ଅଞ୍ଚଳର ଶାଳ ଜଙ୍ଗଲରେ ଗଛମୂଳରେ ଗାତ ଖୋଳା ଯାଇଥିବା କିଛି ଫଟୋ ସଂଲଗ୍ନ କରିଛନ୍ତି। ସେ କହିଛନ୍ତି, ଯଦିଓ ବୃକ୍ଷର ମଙ୍ଗଳ ଓ ଜଳ ରଖିବା ନିମନ୍ତେ ବନ ବିଭାଗ ପକ୍ଷରୁ ଜଙ୍ଗଲ ଅଞ୍ଚଳରେ ଗାତ ଖୋଳାଯାଉଛି, କିନ୍ତୁ ସେଗୁଡ଼ିକ ବନ୍ୟପ୍ରାଣୀଙ୍କ ପାଇଁ ଘୋର ସମସ୍ୟା ସୃଷ୍ଟି କରିବ। ଫରେଷ୍ଟ ଫ୍ଲୋର ବା ଜଙ୍ଗଲ ଚଟାଣ ପ୍ରକୃତ ପକ୍ଷେ ବହୁତ ମହତ୍ତ୍ୱପୂର୍ଣ୍ଣ। କାରଣ ଏହା ଜୀବଜନ୍ତୁ ସଂରକ୍ଷଣ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। କୌଣସି କୃତ୍ରିମ ହସ୍ତକ୍ଷେପ ବିନା ଏହା ହଜାର ହଜାର ବର୍ଷ ଧରି ପ୍ରାକୃତିକ ଭୂଗୋଳ ଓ ପରିବେଶକୁ ବଜାୟ ରଖିପାରିଛି। ଗଛ ମୂଳରେ ଗାତ ଖୋଳିଲେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଯିବ। ଗଛ ପାଖରେ ଗାତ ଖୋଳାଯିବାବେଳେ ଚେର ମଧ କିଛି ମାତ୍ରାରେ କଟିଯାଉଛି। ବନ୍ୟପ୍ରାଣୀ ଓ ଗୋରୁ ଏହି ସମତଳ ଚଟାଣରେ ଚାଲିବା ବେଳେ ହଠାତ୍ ଏପରି କୃତ୍ରିମ ଗାତ (୧୮ ଇଞ୍ଚ ଗଭୀର)ରେ ପଡ଼ିଲେ ଆଘାତ ପାଇବେ। ଶିକାରୀ ଓ ବନ୍ୟଜନ୍ତୁଙ୍କଠାରୁ ରକ୍ଷା ପାଇବା ପାଇଁ ହରିଣ, କୁଟୁରା କିମ୍ବା ବାରହା ଆଦି ବନ୍ୟପ୍ରାଣୀ ଦୌଡ଼ିବା ବେଳେ ସେହି ଗାତରେ ପଡ଼ି ଗୋଡ଼ ଭାଙ୍ଗିବା ଆଶଙ୍କା ରହିଛି। ସେହିପରି କିଛି ଦିନ ପରେ ସେହି ଗାତଗୁଡ଼ିକ ଉପରେ ଘାସ ବା ଲଟା ମାଡ଼ିଯାଇ ଲୁଚିଯିବ ଏବଂ ଅଜାଣତରେ ସେଥିରେ କେହି ପଡ଼ିଯିବାର ସମ୍ଭାବନା ରହିଛି। ଗାତ ଖୋଳିବା ସମୟରେ ମାଟି ଚଟାଣରେ ଗଛରୁ ପଡ଼ିଥିବା ମଞ୍ଜି ନଷ୍ଟ ହୋଇ ଜଙ୍ଗଲର ପ୍ରାକୃତିକ ପୁନଃ ନିର୍ମାଣ ଉପରେ ମଧ ପ୍ରଭାବ ପକାଇଥାଏ। ଅଧିକାଂଶ ସରୀସୃପ ଜଙ୍ଗଲ ଚଟାଣ ଭୂମିରେ ହିଁ ବାସ କରନ୍ତି। ତେଣୁ ସରୀସୃପଙ୍କ ଛୁଆମାନଙ୍କ ପାଇଁ ଏହି କୃତ୍ରିମ ଗାତଗୁଡ଼ିକ ଘାତକ ସାବ୍ୟସ୍ତ ହେବ। ଗଛ ମୂଳରୁ ବୁଦା ସଫା କରି ଗାତ ଖୋଳିବା ଦ୍ୱାରା ସରୀସୃପଙ୍କ ପ୍ରଜନନ ଏବଂ ଅଣ୍ଡା ଦେବା ପ୍ରକ୍ରିୟା ପାଇଁ ସମସ୍ୟା ସୃଷ୍ଟି ହେବ ବୋଲି ଉକ୍ତ ପତ୍ରରେ ଉଲ୍ଲେଖ କରାଯାଇଛି। ଏ ନେଇ ଡବ୍ଲ୍ୟୁଏସ୍‌ଓ ସମ୍ପାଦକ ମହାନ୍ତି କହିଛନ୍ତି, ଜଳଧାରଣ କ୍ଷମତା ବଢ଼ାଇବା ପାଇଁ ଜଙ୍ଗଲରେ ଗଛମୂଳରେ ଏଭଳି କୃତ୍ରିମ ଗାତ ଖୋଳିବା ବନ୍ୟପ୍ରାଣୀଙ୍କ ପାଇଁ ଆଦୌ ମଙ୍ଗଳକାରକ ନୁହେଁ। ଆମ ଜଙ୍ଗଲର ଗଛ ଏବଂ ଅନ୍ୟାନ୍ୟ ଉଦ୍ଭିଦ ହଜାର ହଜାର ବର୍ଷ ଧରି ମଣିଷର ହସ୍ତକ୍ଷେପ ବିନା ମଧ ବଞ୍ଚି ଆସିଛନ୍ତି। ତେଣୁ ବନ୍ୟପ୍ରାଣୀଙ୍କର କ୍ଷତି କରୁଥିବା କୃତ୍ରିମ ଜଳଧାରଣ ଗାତ ଖୋଳା ପ୍ରକ୍ରିୟାକୁ ତୁରନ୍ତ ବନ୍ଦ କରାଯିବା ଉଚିତ।


କାମାକ୍ଷାନଗର ପଶ୍ଚିମ ବନାଞ୍ଚଳ ଶାଳ ଜଙ୍ଗଲରେ କୃତ୍ରିମ ଗାତ।

## ଲାଞ୍ଚ ନେଇ ଧରାପଡ଼ିଲେ କନିଷ୍ଠଯନ୍ତ୍ରୀ

ନବରଙ୍ଗପୁର,/ପାପଡ଼ାହାଣ୍ଡି,୧୪।୧୨ (ବି.ପ୍ର./ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ କନିଷ୍ଠ ଯନ୍ତ୍ରୀ ବୀଣାପାଣି ବେହେରାଙ୍କ ବାସଭବନରେ ମଙ୍ଗଳବାର ଅପରାହ୍ନରେ ଭିଜିଲାନ୍ସ ଟିମ୍ ଚଢାଉ କରିଛି। ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମୁଦୁଲିଗୁଡ଼ା ଗାଁର ମନ୍ଧାର ଦିସାରିଙ୍କ ରିପୋର୍ଟ ଆଧାରରେ କୋରାପୁଟ ଭିଜିଲାନ୍ସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି। ୭ଲକ୍ଷ ୨୫ହଜାର ଟଙ୍କା ବ୍ୟୟରେ କାର୍ତ୍ତିଆଗୁଡ଼ାରୁ ମୁଦୁଲିଗୁଡ଼ା କଲଭର୍ଟ ନିର୍ମାଣ ଏବଂ ଏକ ଗାର୍ଡୱାଲ କାମ ମନ୍ଧାରଙ୍କୁ ମିଳିଥିଲା। ଏହି କାମ ବାବଦକୁ ବକେୟା ୨ଲକ୍ଷ ୨୫ ହଜାର ଟଙ୍କା ରହିଥିଲା। ଉକ୍ତ ବିଲ୍ କରିବାକୁ କନିଷ୍ଠ ଯନ୍ତ୍ରୀ ବୀଣାପାଣି ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ ବୋଲି ମନ୍ଧାର ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ପାଇ ଭିଜିଲାନ୍ସ ଟିମ୍ ପାପଡ଼ାହାଣ୍ଡି ବ୍ଲକ ଅଫିସ ନିକଟରେ ଥିବା ତାଙ୍କ ଆବାସିକ ସରକାରୀ କ୍ୱାର୍ଟର୍ସରେ ଅପରାହ୍ନ ୪ଟା ୪୫ ମିନିଟରେ ଚଢାଉ କରିଥିଲେ। ସେଠାରୁ ଲାଞ୍ଚ ୨୦ ହଜାର ଟଙ୍କା ବ୍ୟତୀତ ୩ଲକ୍ଷ ୨୭ ହଜାର ଟଙ୍କା ମିଳିଥିଲା। ଟଙ୍କା ସମ୍ପର୍କରେ ପଚାରିବାରୁ କନିଷ୍ଠଯନ୍ତ୍ରୀ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିବାରୁ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଛି। ବୀଣାପାଣିଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଗାଡ଼ିରେ ବସାଇ ଅଧିକ ତଦନ୍ତ ପାଇଁ କାର୍ଯ୍ୟାଳୟକୁ ନେବାଲାଗି ବାହାରିବା ସମୟରେ ସ୍ଥାନୀୟ ଲୋକେ ଓ କେତେଜଣ ଠିକାଦାର ଗାଡ଼ିକୁ ଘେରିଥିଲେ। କନିଷ୍ଠ ଯନ୍ତ୍ରୀଙ୍କୁ ଛାଡ଼ିଦେବାକୁ ସେମାନେ ଜିଦ୍ ଧରିଥିଲେ। ମିଛରେ ତାଙ୍କୁ ଫସାଯାଇଥିବା ଠିକାଦାରମାନେ କହିଥିଲେ। ଯେଉଁ ଲୋକ ଅଭିଯୋଗ କରିଛନ୍ତି ତାଙ୍କୁ ଦେଖାଅ ବୋଲି ସେମାନେ କହିଥିଲେ। ପାପଡାହାଣ୍ଡି ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ସେମାନେ ଭିଜିଲାନ୍ସ ଅଧିକାରୀଙ୍କ ଗାଡ଼ିକୁ ଛାଡ଼ିଥିଲେ। ଏହି ଚଢ଼ାଉରେ ମାଲକାନଗିରି ଭିଜିଲାନ୍ସ ଡିଏସ୍‌ପି ସୁଶାନ୍ତ କୁମାର ବିଶ୍ୱାଳ, ନବରଙ୍ଗପୁର ଇନ୍ସପେକ୍ଟର କଳାବତୀ ବାଗ, ଜୟପୁର ଇନ୍ସପେକ୍ଟର ସୂର୍ଯ୍ୟକାନ୍ତି ଟାକରି ଉପସ୍ଥିତ ଥିଲେ।

## ୫ ଦଫା ଦାବିରେ ଗାଁ ସାଥୀଙ୍କ ବିକ୍ଷୋଭ


ଲୋୟର ପିଏମ୍‌ଜିରେ ଗାଁ ସାଥୀ ସଂଘ ପକ୍ଷରୁ ଅଭିନବ ପ୍ରତିବାଦ।

ଭୁବନେଶ୍ୱର,୧୪।୧୨(ବ୍ୟୁରୋ)

ଗାଁ ସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ୫ଦଫା ଦାବି ନେଇ ମଙ୍ଗଳବାର ଶୋଭାଯାତ୍ରା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘର ରାଜ୍ୟ ସଙ୍ଗଠକ ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ସଭାପତି ସୌଭାଗ୍ୟ ମିଶ୍ର ଏବଂ ସଦସ୍ୟମାନେ ବ୍ୟାନର ଓ ପ୍ଲାକାର୍ଡ଼ ଧରି ରାମମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ବାହାରି ନବୀନ ନିବାସ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଧାରଣା ଦେବା ସହ ଦାବି ଉପସ୍ଥାପନ କରିଥିଲେ। ପଞ୍ଚାୟତିରାଜ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ଅନୁଯାୟୀ ମାସିକ ୮୦୦୦ ଟଙ୍କାରୁ ଉର୍ଦ୍ଧ୍ୱ ପ୍ରୋତ୍ସାହନ ରାଶି ଓ ସ୍ଥାୟୀ ନିଯୁକ୍ତି ସମେତ ୫ଦଫା ଦାବି ପୂରଣ ପାଇଁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ‘ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ପ୍ରେରଣାର ଉତ୍ସ’

**ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ**

ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)

ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଥିଲେ ଓଡ଼ିଆ ଭାଷା-ସାହିତ୍ୟର ପୃଷ୍ଠପୋଷକ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପ୍ରମୁଖ କର୍ଣ୍ଣଧାର। ସମ୍ବାଦପତ୍ର ସମ୍ପାଦନା, ଭାଷା ଆନ୍ଦୋଳନ, ସାଂସ୍କୃତିକ ଜାଗରଣ କ୍ଷେତ୍ରରେ ବିଦ୍ୟାରତ୍ନଙ୍କ ଯୋଗଦାନ ଅତୁଳନୀୟ। ଓଡ଼ିଆ ଜାତି ଏବଂ ଓଡ଼ିଆ ଭାଷାର ଶ୍ରୀ ବୃଦ୍ଧିରେ ତାଙ୍କର ନିରନ୍ତର ପ୍ରୟାସ ପାଇଁ ସେ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବେ ବୋଲି ମତ ପ୍ରକାଶ ପାଇଛି। ମଙ୍ଗଳବାର ସୂଚନା ଭବନଠାରେ ଉଭୟ ପ୍ରତ୍ୟକ୍ଷ ଓ ଆଭାସୀ ମାଧ୍ୟମରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ବାର୍ତ୍ତା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ ଯେ, ଓଡ଼ିଆ ଭାଷାର ପ୍ରସାର ସହ ସମ୍ବାଦପତ୍ର ସମ୍ପାଦନା, ଭାଷା ଆନ୍ଦୋଳନ ଏବଂ ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ନୀଳମଣି ବିଦ୍ୟାରତ୍ନଙ୍କ ଉତ୍ସର୍ଗୀକୃତ ଉଦ୍ୟମ ସର୍ବଦା ପ୍ରେରଣାଦାୟୀ। ମୁଖ୍ୟ ବକ୍ତା ଭାବେ ସଂସ୍କୃତିବିତ୍ ନିଳାଦ୍ରି ମୋହନ ଶତପଥୀ ଯୋଗଦେଇ କହିଲେ, ଓଡ଼ିଆ ଜାତିର ସ୍ୱାଭିମାନ ପୁନଃ ପ୍ରତିଷ୍ଠା ନିମନ୍ତେ ଆତ୍ମବିଶ୍ୱାସର ସହ ଯେଉଁ କେତେଜଣ ମହାମନୀଷୀ ଚେଷ୍ଟିତ ଥିଲେ ସେମାନଙ୍କ ମଧ୍ୟରେ ବିଦ୍ୟାରତ୍ନଙ୍କ ନାମ ଅଗ୍ରପୂଜ୍ୟ। ସେ ବିଦ୍ୟାରତ୍ନଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ୍ ମହାନ୍ତି ସଭାପତିତ୍ୱ କରି ଓଡ଼ିଆ ଭାଷାର ସୁରକ୍ଷା ଓ ସାମ୍ବାଦିକତା କ୍ଷେତ୍ରରେ ପଣ୍ଡିତ ନୀଳମଣିଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ ବୋଲି କହିଥିଲେ। ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ସଭାପତି ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଯୋଗଦେଇ ପଣ୍ଡିତ ନୀଳମଣି ଓଡ଼ିଆ ଅସ୍ମିତାର ପ୍ରତୀକ ଏବଂ ଏ ଜାତି ତାଙ୍କୁ କାଳ କାଳ ଧରି ସ୍ମରଣ କରୁଥିବ ବୋଲି କହିଥିଲେ। ସଂସ୍କୃତି ତଥା ସାହିତ୍ୟର ଉନ୍ନତି ପାଇଁ ନୀଳମଣି ସଦା ସମର୍ପିତ ଥିଲେ ବୋଲି ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ମତ ଦେଇଥିଲେ। ସୂଚନା ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସ୍ମୃତି ସଂସଦ ସମ୍ପାଦକ ଡ. କୃଷ୍ଣ କେଶବ ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ। ସକାଳେ ଜୟଦେବବିହାରସ୍ଥିତ ପଣ୍ଡିତ ନୀଳମଣିଙ୍କ ପ୍ରତିମୂର୍ତ୍ତିରେ ବିଭାଗ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା।



ସୂଚନା ଭବନରେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ମଞ୍ଚାସୀନ ଅତିଥି।

## କିଟ୍‌କୁ ଟାଇମ୍ସ ଆୱାର୍ଡ୍ସ ଏସିଆ-୨୦୨୧ ପୁରସ୍କାର

ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)

ବିଶ୍ୱସ୍ତରରେ କିଟ୍ ବିଶ୍ୱବିଦ୍ୟାଳୟକୁ ଆଉ ଏକ ସମ୍ମାନଜନକ ପୁରସ୍କାର ମିଳିଛି। ଟାଇମ୍ସ ହାୟର୍ ଏଜୁକେଶନ୍ ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟକୁ ‘ଲିଡରଶିପ୍ ଆଣ୍ଡ ମ୍ୟାନେଜମେଣ୍ଟ ଟିମ୍ ଅଫ୍ ଦି ଇଅର୍’ ଭାବେ ପୁରସ୍କୃତ କରାଯାଇଛି। ମଙ୍ଗଳବାର ଟାଇମ୍ସ ହାୟର୍ ଏଜୁକେଶନ୍ ପକ୍ଷରୁ ‘ଆୱାର୍ଡ୍ସ ଏସିଆ-୨୦୨୧’ ପୁରସ୍କାର ଘୋଷଣା କରାଯାଇଥିବାବେଳେ ସମଗ୍ର ଭାରତ ତଥା ଏସିଆରେ ଏକମାତ୍ର ଅନୁଷ୍ଠାନ ଭାବେ କିଟ୍ ବିଶ୍ୱବିଦ୍ୟାଳୟ ଏହି ପୁରସ୍କାର ପାଇଛି। ଯେ କୌଣସି ଆପତକାଳୀନ ପରିସ୍ଥିତିର ସାମ୍ନା କରିବା, ଅପହଞ୍ଚଙ୍କ ନିକଟରେ ପହଞ୍ଚିବା ଏବଂ ସମାଜସେବା ବିଶେଷକରି କୋଭିଡ୍ ମହାମାରୀ ସମୟରେ କୋଭିଡ୍ ଡାକ୍ତରଖାନା ପ୍ରତିଷ୍ଠା, ଲୋକଙ୍କୁ ମାସ୍କ, ସାନିଟାଇଜର, ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ବଣ୍ଟନ, ଓଡ଼ିଶାରେ କୋଭିଡ୍‌ରେ ମୃତକଙ୍କ ପିଲାଙ୍କୁ ମାଗଣାରେ କିଟ୍‌ରେ ଉଚ୍ଚଶିକ୍ଷା ପ୍ରଦାନ କରିବା, କରୋନାରେ ମା’ ଓ ବାପାଙ୍କୁ ହରାଇ ଅନାଥ ହୋଇଥିବା ପିଲାଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବା ଆଦି କାର୍ଯ୍ୟକୁ ଦେଖି ଚଳିତବର୍ଷ ଟାଇମ୍ସ ହାୟର ଏଜୁକେଶନ୍ ପକ୍ଷରୁ କିଟ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏ ନେଇ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରି କହିଛନ୍ତି, ଏସିଆ ମହାଦେଶରୁ କିଟ୍ ଏକମାତ୍ର ବିଶ୍ୱବିଦ୍ୟାଳୟ ଭାବେ ଏହି ପୁରସ୍କାର ପାଇଥିବାରୁ ଏହା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। କିଟ୍ ଓ କିସ୍‌ର ସମସ୍ତ ଶିକ୍ଷକ, ଅଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ପାଇଁ ଏସବୁ ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଲଗାତର ଦ୍ୱିତୀୟ ବର୍ଷ ପାଇଁ କିଟ୍ ବିଶ୍ୱବିଦ୍ୟାଳୟ ଟାଇମ୍ସ ଆୱାର୍ଡ୍ସ ଏସିଆ ପୁରସ୍କାର ପାଇବାର ଗୌରବ ଅର୍ଜନ କରିଛି।

## ଅସୁସ୍ଥତା କାରଣ ଦର୍ଶାଇଲେ ସୁମିତ

**୧୭ ଯାଏ ଅତିଥି ଭବନରେ ରହିବେ ତପସ୍ୱିନୀ**

ଆସିକା,୧୪।୧୨(ଡି.ଏନ୍.ଏ.)

ଡାକ୍ତର ସୁମିତ ସାହୁ ଓ ସ୍ତ୍ରୀ ତପସ୍ୱିନୀ ଦାଶଙ୍କ ମଧ୍ୟରେ ଲାଗି ରହିଥିବା ପାରିବାରିକ ବିବାଦର କୌଣସି ସମାଧାନ ହୋଇପାରିନାହିଁ। ବ୍ରହ୍ମପୁର ଏସ୍‌ଡିଜେଏମ୍ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗତ ୩ ତାରିଖରୁ ଉଭୟେ ଆସିକା ଚିନିଶିଳ୍ପ ଅତିଥି ଭବନରେ ରହୁଥିଲେ। ୧୦ତାରିଖ ପୂର୍ବାହ୍ନରୁ ଡା. ସୁମିତ ନିଜ କାର୍ଯ୍ୟସ୍ଥଳ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଆଉ ଫେରିନାହାନ୍ତି । ଶାରୀରିକ ଅସୁସ୍ଥତା ଦର୍ଶାଇ ସେ ୪ ଦିନ ଛୁଟି ନେଇଥିଲେ ମଧ ତପସ୍ୱିନୀଙ୍କ ସହ କୌଣସି ଯୋଗାଯୋଗ ରଖୁନାହାନ୍ତି। ସୁମିତ ବୁଧବାର କାର୍ଯ୍ୟରେ ଯୋଗଦେବାର ଥିଲା। ଏହା ପୂର୍ବରୁ ସୋମବାର ରାତିରେ ସେ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ହୋଇ ନ ଥିବାରୁ ଅଧିକ ଚିକିତ୍ସା ଲାଗି ବ୍ରହ୍ମପୁର ଯାଉଥିବା ଇ-ମେଲ ଯୋଗେ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ନିକଟକୁ ଜଣାଇଛନ୍ତି । ତେବେ ସେଥିରେ ଛୁଟି ସମ୍ପର୍କରେ କିଛି ଉଲ୍ଲେଖ କରିନାହାନ୍ତି। ଅନ୍ୟପକ୍ଷରେ ତପସ୍ୱିନୀ ଗତ ସୋମବାର ବ୍ରହ୍ମପୁରସ୍ଥିତ ପରିବାର ଅଦାଲତରେ ହାଜର ହେବା ସହ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ପିଟିଶନ ଦାଖଲ କରି ପୁଣି ଅତିଥି ଭବନକୁ ଫେରିଛନ୍ତି। ସେଠାରେ ସେ ତାଙ୍କ ଭାଇଙ୍କ ସହ ରହୁଛନ୍ତି। ପୂର୍ବଭଳି ଆଉ ପୋଲିସ ପହରା ଦିଆଯାଉନାହିଁ। ସୁମିତ ଯିବା ପରଠାରୁ ଅତିଥି ଭବନର ଭଡା ଓ ଖାଇବା ଖର୍ଚ୍ଚ ତପସ୍ୱିନୀ ନିଜେ ବହନ କରୁଥିବା ପ୍ରକାଶ କରିଛନ୍ତି। ଆସନ୍ତା ୧୭ ତାରିଖରେ ପୁଣି ଅଦାଲତରେ ହାଜର ହେବା ଲାଗି ଧାର୍ଯ୍ୟ ହୋଇଥିବାରୁ ସେ ପର୍ଯ୍ୟନ୍ତ ଅତିଥି ଭବନରେ ରହିବେ। ଅଦାଲତଙ୍କ ନିର୍ଦ୍ଦେଶ ପ୍ରକାରେ ଭବିଷ୍ୟତ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି ତପସ୍ୱିନୀ ପ୍ରକାଶ କରିଛନ୍ତି।

## କନ୍ୟାଯାତ୍ରୀ ବସ୍ ଓଲଟି ୨୫ ଆହତ

ପାରଳାଖେମୁଣ୍ଡି/ରାୟଗଡ଼(ଗଜପତି), ୧୪।୧୨(ଡି.ଏନ୍.ଏ.)

ଗଜପତି ଜିଲା ରାୟଗଡ଼ ଥାନା ଅନ୍ତର୍ଗତ ସେବକପୁର ଗ୍ରାମ ନିକଟରେ ସୋମବାର ରାତି ପ୍ରାୟ ୩ଟାରେ ଏକ କନ୍ୟାଯାତ୍ରୀ ବସ୍ ଓଲଟି ପ୍ରାୟ ୨୫ ଜଣ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗଞ୍ଜାମ ଜିଲା ପୋଲସରା ନିକଟସ୍ଥ ରୁମାଗୁଡାରୁ ୩୦ରୁ ଉର୍ଦ୍ଧ୍ୱ କନ୍ୟାଯାତ୍ରୀ ଏକ ବସ୍‌ରେ ପାରଳାଖେମୁଣ୍ଡି ଚିତ୍ରକାର ସାହିକୁ ଆସିଥିଲେ। ବିବାହ କାର୍ଯ୍ୟକ୍ରମ ପରେ ରାତିରେ ସେମାନେ ଫେରୁଥିବା ବେଳେ ସେବକପୁର ଗ୍ରାମ ନିକଟରେ ବସଟି ଭାରସାମ୍ୟ ହରାଇ ଏକ ଗଛରେ ଧକ୍କା ହୋଇ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ବସ୍‌ରୁ ଆହତ ଲୋକଙ୍କୁ ଉଦ୍ଧାର କରିଥିଲେ। ପରେ ସମସ୍ତ ଆହତଙ୍କୁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରୁ ୪ ଜଣଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ରାୟଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଏଏସ୍‌ଆଇ ମନୋଜ କୁମାର ପାଢୀ ସୂଚନା ଦେଇଛନ୍ତି। ସମସ୍ତ ଯାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି।

## ‘ଗ୍ରୀଷ୍ମଋତୁରେ ବିଦ୍ୟୁତ୍ କାଟ ସମସ୍ୟା ନ ହେବା ନିଶ୍ଚିତ କର’

**ମୁଖ୍ୟ ଶାସନ ସଚିବଙ୍କ ବିଦ୍ୟୁତ୍ ଯୋଗାଣ ଅବ୍ୟାହତ ନେଇ ପ୍ରସ୍ତୁତି**

ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)

ଆଗାମୀ ଗ୍ରୀଷ୍ମଋତୁରେ ବିଦ୍ୟୁତ୍ ଯୋଗାଣ ଅବ୍ୟାହତ ରଖିବା ପାଇଁ ଆଗୁଆ ପ୍ରସ୍ତୁତି ଭାବେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମଙ୍ଗଳବାର ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନ ଓ ଯୋଗାଣ ସ୍ଥିତିର ସମୀକ୍ଷା କରିଛନ୍ତି। ଲୋକସେବା ଭବନରୁ ଡିଜିଟାଲ ମୋଡ୍‌ରେ ଅନୁଷ୍ଠିତ ବୈଠକରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ସମସ୍ତ ତଥ୍ୟ ଉପସ୍ଥାପନ କରିଛନ୍ତି।

ବର୍ତ୍ତମାନ ବିଦ୍ୟୁତ୍ ଉତ୍ପାଦନ ଓ ଚାହିଦା ସ୍ଥିତିର ସମୀକ୍ଷା କରି ରାଜ୍ୟରେ ଯେପରି ବିଦ୍ୟୁତ୍ କାଟ(ଲୋଡ୍ ସେଡିଂ) ସମସ୍ୟା ସୃଷ୍ଟି ନ ହୁଏ ତାହା ନିଶ୍ଚିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ଗ୍ରୀଡ୍‌କୋ ଏବଂ ଶକ୍ତି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟୁତ୍ ଉତ୍ପାଦନକାରୀ କମ୍ପାନୀଗୁଡିକ ନିଜ ନିଜର ବିଦ୍ୟୁତ୍ ଉତ୍ପାଦନ ୟୁନିଟ୍‌ଗୁଡିକର ରକ୍ଷଣାବେକ୍ଷଣ ଓ ନବୀକରଣ ସହ ସେଗୁଡିକୁ ପୂର୍ଣ୍ଣ କ୍ଷମତାସମ୍ପନ୍ନ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ୟୁନିଟ୍‌ଗୁଡିକର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ନିରାପତ୍ତା ଆଦି ଉପରେ ସତର୍କ ଦୃଷ୍ଟି ରଖିବା ପାଇଁ ମୁଖ୍ୟ ଶାସନ ସଚିବ ଗ୍ରୀଡ୍‌କୋ ଏବଂ ଶକ୍ତି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସୌର, ତାପଜ ଓ ଅନ୍ୟାନ୍ୟ ଉତ୍ସରୁ ବିଦ୍ୟୁତ୍ ଉତ୍ପାଦନ ବଢାଇ ଦିନର ହାରାହାରି ଆବଶ୍ୟକତା ମେଣ୍ଟାଇବା ସହ ଜଳଭଣ୍ଡାରଗୁଡିକୁ ଗ୍ରୀଷ୍ମଋତୁ ନିମନ୍ତେ ସଂରକ୍ଷିତ ରଖିବା ଲାଗି ସେ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ଚଳିତ ବର୍ଷ ବର୍ଷାଋତୁରେ କମ୍ ବୃଷ୍ଟିପାତ ହାର ଯୋଗୁ ବିଦ୍ୟୁତ୍ ଉତ୍ପାଦନକାରୀ ଜଳଭଣ୍ଡାରରେ ଅପେକ୍ଷାକୃତ କମ୍ ଜଳ ଅଛି। ଏହାକୁ ଠିକ୍ ଭାବେ ସଂରକ୍ଷଣ ଓ ପରିଚାଳନା କରି ଆସନ୍ତା ବର୍ଷାଋତୁ ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ଅବ୍ୟାହତ ରଖିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ଗ୍ରୀଡ୍‌କୋ ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା କହିଛନ୍ତି, ବିଭିନ୍ନ ବିଦ୍ୟୁତ୍ ଉତ୍ପାଦନକାରୀ ଶିଳ୍ପସଂସ୍ଥା ସହ ହୋଇଥିବା ଚୁକ୍ତିନାମା ଅନୁସାରେ ଗ୍ରୀଡ୍‌କୋ ପାଖରେ ବଣ୍ଟନ ପାଇଁ ପ୍ରାୟ ୭, ୬୫୧ ମେଗାୱାଟ୍ ବିଦ୍ୟୁତ୍ ଅଛି। ଏଥିରୁ ପ୍ରାୟ ୧୨୯୫ ମେଗାୱାଟ୍ ଅଣ ପାରମ୍ପରିକ ଉତ୍ସରୁ ଉତ୍ପାଦିତ ହେଉଛି। କେତେକ ତାପଜ ଏବଂ ଜଳଜ ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥାରେ ଯାନ୍ତ୍ରିକ ତ୍ରୁଟି ହେତୁ ଚଳିତ ମାସ ପ୍ରାୟ ୧୭୦୦ ମେଗାୱାଟ୍ ଉତ୍ପାଦନ କମିଛି। ଚଳିତ ଋତୁରେ ଦୈନିକ ପ୍ରାୟ ୩୩୫୦ ମେଗାୱାଟ୍ ଅଛି। ବିଭିନ୍ନ ଉତ୍ସରୁ ବିଦ୍ୟୁତ୍ ସଂଗ୍ରହକରି ଗ୍ରୀଡ୍‌କୋ ଏହି ଚାହିଦା ପୂରଣ କରୁଛି। ଗ୍ରୀଷ୍ମଋତୁରେ ସର୍ବାଧିକ ଆବଶ୍ୟକତା ସମୟରେ ଏହି ଚାହିଦା ୪ ହଜାର ମେଗାୱାଟ୍‌ରୁ ଅଧିକ ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ତାପଜ ଓ ସୌରସ୍ରୋତ ବିଦ୍ୟୁତ୍ ଉତ୍ପାଦନକାରୀ ଶିଳ୍ପସଂସ୍ଥାଗୁଡିକ ନିଜର ପୂର୍ଣ୍ଣ କ୍ଷମତା ଅନୁସାରେ ଉତ୍ପାଦନ ବଢାଇବା ସକାଶେ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

## ମାଓବାଦୀଙ୍କ ବର୍ବରତା, ଜଣଙ୍କୁ ଗଳା କାଟି ହତ୍ୟା

ମାଲକାନଗିରି,୧୪।୧୨ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ପୁଣି ମାଓବାଦୀଙ୍କ ବର୍ବରତା ଦେଖିବାକୁ ମିଳିଛି। ପୋଲିସ ସୂଚନାଦାତା ସନ୍ଦେହରେ ମାଓବାଦୀମାନେ ଜଣଙ୍କ ଗଳା କାଟି ହତ୍ୟା କରିଛନ୍ତି। ଏପରି ଘଟଣା ଛତିଶଗଡ଼ ସୁକ୍‌ମା ଜିଲାର ଏରାବର ଗ୍ରାମରେ ଦେଖିବାକୁ ମିଳିଛି। ମୃତକ ହେଲେ ଦାରେ ନବୀନ। ଖବରରୁ ଜଣାପଡିଛି ସୋମବାର ବିଳମ୍ବିତ ରାତିରେ ୧୦ ରୁ ୧୫ ଜଣ ମାଓବାଦୀ ଦାରେଙ୍କ ଘରକୁ ଯାଇ ତାଙ୍କୁ ଡାକି ନେଇ ଗ୍ରାମର ଶେଷ ମୁଣ୍ଡରେ ଗଳାକାଟି ହତ୍ୟା କରିଥିଲେ । ପରେ ମାଓବାଦୀମାନେ ତାଙ୍କ ମୃତଦେହ ନିକଟରେ ଏକ ଚିଠି ଛାଡ଼ିଯାଇଥିଲେ। ଦାରେ ଅନେକ ସମୟରେ ପୋଲିସ ପାଇଁ ଗୋଇନ୍ଦା କାମ କରିବା, ଜଙ୍ଗଲ ନଷ୍ଟ କରିବା ଓ ବେଆଇନ ଭାବେ ଜଙ୍ଗଲ ଜମିକୁ ଅଧିଗ୍ରହଣ କରିବା କାମରେ ଲିପ୍ତଥିବାରୁ ତାଙ୍କୁ ମୃତ୍ୟୁଦଣ୍ଡ ମିଳିଛି ବୋଲି ମାଓବାଦୀମାନେ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଘଟଣା ନେଇ ଅଧିକ ତଦନ୍ତ ଜାରି ରହିଥିବା ସୁକ୍‌ମା ଏସ୍‌ପି ସୁନୀଲ ଶର୍ମା କହିଛନ୍ତି।

## ପାଚିକା, ସହାୟିକାଙ୍କ ଆନ୍ଦୋଳନ

**୧୦ ଦଫା ଦାବିରେ ବିକ୍ଷୋଭ**

ଭୁବନେଶ୍ୱର,୧୪।୧୨(ବ୍ୟୁରୋ)

ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ମହାସଂଘ ପକ୍ଷରୁ ୧୦ ଦଫା ଦାବି ନେଇ ମଙ୍ଗଳବାର ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଥିଲା। ପାଚିକାମାନଙ୍କ ନିର୍ଭୁଲ ତାଲିକା ପ୍ରସ୍ତୁତ କରି ୨୮ ମାସର ବର୍ଦ୍ଧିତ ବକେୟା ପାରିଶ୍ରମିକ ଦେବା, ସରକାରଙ୍କ ଦ୍ୱାରା ଘୋଷିତ ୧୪,୩୭୯ ସରକାରୀ ବିଦ୍ୟାଳୟ ବନ୍ଦ ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା, ସ୍କୁଲ ବନ୍ଦ, ମିଶ୍ରଣ ଓ ପିଲା ସଂଖ୍ୟା କମ୍ ପାଇଁ ବାଦ୍ ପଡ଼ିଥିବା ସମସ୍ତ ପାଚିକାଙ୍କୁ ଅନ୍ୟତ୍ର ନିଯୁକ୍ତି ଦେବା, ସରକାରୀ ମାନ୍ୟତା ଓ ସର୍ବନିମ୍ନ ମାସିକ ମଜୁରି ୨୧ ହଜାର ଟଙ୍କା ଦେବା ସମେତ ଅନ୍ୟାନ୍ୟ ୬ଦଫା ଦାବି କରାଯାଇଛି। ପାଚିକାମାନେ କରୋନା ଭଳି ସ୍ଥିତିରେ ବିଦ୍ୟାଳୟ ବନ୍ଦ ଯୋଗୁ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ତେଣୁ ସରକାର ତୁରନ୍ତ ଦାବି ପୂରଣ ଦିଗରେ ପଦକ୍ଷେପ ନେବାକୁ ସଙ୍ଗଠନର ସଭାପତି ବିଷ୍ଣୁପଦ ଦାସ ଦାବି କରିଛନ୍ତି।



ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ମହାସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ କରାଯାଉଛି।

## ବାଇକକୁ ପିଟିଲା କାର୍, ଦୁଇ ଗୁରୁତର

ଚଣ୍ଡିଖୋଲ,(ଡି.ଏନ.ଏ.): ଚଣ୍ଡିଖୋଲ-ପାରାଦୀପ ୫୩ ନଂ.ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନାନପୁର ସେତୁ ନିକଟରେ ମଙ୍ଗଳବାର ଏକ କାର୍ ବାଇକକୁ ପଛପଟୁ ଧକ୍କା ଦେବା ଯୋଗୁ ଦୁଇଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଭାକୁଡ଼ ଗ୍ରାମର ଜଗନ୍ନାଥ ନନ୍ଦ ଓ ମନୋରମା ଜେନା। ଏହି ଦୁଇଜଣ ଏକ ବାଇକ୍ ଯୋଗେ ବାଲିଚନ୍ଦ୍ରପୁର ବ୍ୟାଙ୍କକୁ ଆସୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଫଳରେ ଉଭୟ ରାସ୍ତାକୁ ଛିଟିକି ପଡ଼ିଥିଲେ। ପୋଲିସ ଆହତ ଦ୍ୱୟଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇବା ସହ ଗାଡ଼ି ଦୁଇଟିକୁ ଜବତ କରିଛି।

## ଆଜି କ'ଣ କେଉଁଠି

ଯାଜପୁର

- ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ନୂଆସ୍ମାର୍ଟ କାର୍ଡ ବଣ୍ଟନ ଏବଂ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ। ସ୍ଥାନ: ନରସିଂହ ଚୌଧୁରୀ ମହାବିଦ୍ୟାଳୟ। ସମୟ: ଅପରାହ୍ନ ୫ଟା।
- କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ। ସମୟ-ଅପରାହ୍ନ ୩ଟା।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ମାନସିକ ବିକାରଗ୍ରସ୍ତ ମହିଳାଙ୍କ ମୃତ୍ୟୁ

ପାଣିକୋଇଲି,୧୪।୧୨(ଡି.ଏନ.ଏ.): ପାଣିକୋଇଲି ଥାନା ଅଧୀନ ୨୦ ନମ୍ବର ଜାତୀୟ ରାଜପଥର ଦକ୍ଷିଣ ପାର୍ଶ୍ୱ ପାଣିକୋଇଲି ଗୋଲେଇ ଛକରେ ମଙ୍ଗଳବାର ଟ୍ରକ୍ ଧକ୍କାରେ ଜଣେ ମାନସିକ ବିକାରଗ୍ରସ୍ତ ମହିଳାଙ୍କ ମୃତ୍ୟୁ ଘଟିଛି। ସମ୍ପୃକ୍ତ ମହିଳା ଜଣଙ୍କ ଏହି ଥାନା ଅନ୍ତର୍ଗତ ଗୋଲେଇପୁର ପଞ୍ଚାୟତ ସୋଡି ଗ୍ରାମର ବୋଲି ଜଣାପଡ଼ିଛି। ଖବର ପାଇ ପୋଲିସ ଓ ଆମେ ବିପଦରେ ସାଥୀ ସଦସ୍ୟ ମନମୋହନ ବାରିକ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ସମ୍ପୃକ୍ତ ମହିଳାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଏହାପରେ ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ଏକ ୧୨ ଚକିଆ ଟ୍ରକ୍ ନଂ.(ଓଆର୍-୦୧-ଏସ-୨୮୪୭) ଓଭରବ୍ରିଜ ତଳୁ ବାହାରୁଥିବା ବେଳେ ଗୋଲେଇ ଉପରେ ବଜାରରେ ବୁଲିଥିବା ସମ୍ପୃକ୍ତ ମହିଳାଙ୍କ ସହ ଧକ୍କା ହୋଇଥିଲା। ସେ ତଳେ ପଡ଼ିଯିବାରୁ ଟ୍ରକ୍‌ଟି ତାଙ୍କ ଜଙ୍ଘ ଉପରେ ଚଢ଼ି ପଳାଇଥିଲା। ଫଳରେ ସେଠାରେ ତାଙ୍କର ଗୋଡ଼ ଦୁଇଟି ଭାଙ୍ଗିଯିବା ସହ ଅନ୍ତବୁଜୁଳା ବାହାରି ପଡ଼ିଥିଲା। ଏହାଦେଖି ଟ୍ରକ୍ ଡ୍ରାଇଭର ଗାଡ଼ି ଥୋଇ ଫେରାର ହୋଇ ଯାଇଥିଲେ।

### ବିଦ୍ୟାଳୟରେ ଖୁଣ୍ଟ ପଡ଼ି ଛାତ୍ର ଆହତ

ବିଞ୍ଝାରପୁର,୧୪।୧୨(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ୍ ଗୁହାଳି ପଞ୍ଚାୟତ ପଦାସାହି ହାଇସ୍କୁଲରେ ଏକ ସିମେଣ୍ଟ ଖୁଣ୍ଟପଡ଼ି ଜଣେ ଦଶମ ଶ୍ରେଣୀ ଛାତ୍ର ଆହତ ହୋଇଛନ୍ତି। ସେ ହେଲେ ରମେଶଚନ୍ଦ୍ର ବେହେରା। ଛାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ଯାଜପୁର ମୁଖ୍ୟ ଡାକ୍ତରଖାନା ନିଆଯାଇଥିଲା। ଖବରପାଇ ପରିବାର ଲୋକେ ପହଞ୍ଚି ଚିକିତ୍ସା କରାଇବାସହ ତାଙ୍କୁ ଘରକୁ ଆଣିଛନ୍ତି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ଗଦାଧର ନାୟକ କହିଛନ୍ତି, ରମେଶ ସାନପାସ ପାଇଁ ବିଦ୍ୟାଳୟ ପଛପଟକୁ ଯାଇଥିଲେ। ତାଙ୍କ ହାତରେ ସାମାନ୍ୟ ଆଘାତ ଲାଗିଛି।

### ରସୁଲପୁର ପ୍ରେସ୍ ଫୋରମ ପକ୍ଷରୁ ଶିକ୍ଷାବିତ୍‌ଙ୍କୁ ସମ୍ବର୍ଦ୍ଧନା

ରସୁଲପୁର,୧୪।୧୨(ଡି.ଏନ.ଏ.): ରସୁଲପୁର ବ୍ଲକ ଅଧୀନ ବଡ଼କଇଞ୍ଚି ପଞ୍ଚାୟତର ବର୍ଷୀୟାନ ଶିକ୍ଷାବିତ୍ ତଥା ରସୁଲପୁର ପ୍ରେସ୍ ଫୋରମ ଉପଦେଷ୍ଟାମଣ୍ଡଳୀ ଅଧ୍ୟକ୍ଷ ବେଣୁଧର ଦୋବାଇଙ୍କୁ ଫୋରମ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଦୋବାଇଙ୍କ ୯୨ତମ ଜନ୍ମଦିନ ଅବସରରେ ଫୋରମ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ତାଙ୍କ ବାସଭବନରେ ପହଞ୍ଚି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ଦୀର୍ଘାୟୁ ଓ ନିରାମୟ ଜୀବନ କାମନା କରିଥିଲେ। ଏଥିରେ ଫୋରମ ସଭାପତି ବିଶ୍ୱଜ୍ୟୋତି ପତି, ସାଧାରଣ ସମ୍ପାଦକ ଜଗମୋହନ ରାଉତ, ଉପସଭାପତି ବାପୁଜୀ ଚରଣ ଜେନା, କୋଷାଧ୍ୟକ୍ଷ ସନ୍ତୋଷ ସାହୁ, ସଂଗଠନ ସମ୍ପାଦକ ଗଗନ ବିହାରୀ ଦାସ, ଦିବ୍ୟଜ୍ୟୋତି ପତି, ପ୍ରକାଶ ଚନ୍ଦ୍ର ସାହୁ, ମଣ୍ଟୁ ଦାସ ଓ ରଞ୍ଜିତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଦୋବାଇ ଫୋରମର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ପଚାରି ବୁଝିବା ସହ ସେଗୁଡିକୁ ସଫଳ ରୂପାୟନ କରିବା ଦିଗରେ କେତେକ ଉପାଦେୟ ମତ ରଖିଥିଲେ।

### ଓଲାଶୁଣୀ ପୀଠରେ ହେବ ଭାଜପାର ୨ ଦିନିଆ କାର୍ଯ୍ୟକାରିଣୀ

ବାଲିଚନ୍ଦ୍ରପୁର,୧୪।୧୨(ସ୍ୱ.ପ୍ର.): ଯାଜପୁର ଜିଲା ଭାଜପା ପକ୍ଷରୁ ଆସନ୍ତା ୧୮ ଓ ୧୯ ଦୁଇ ଦିନ ଧରି କାର୍ଯ୍ୟକାରିଣୀ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଜିଲା ସଭାପତିଙ୍କ ନିଷ୍ପତ୍ତିକ୍ରମେ ବଡ଼ଚଣା ବ୍ଲକର ଓଲାଶୁଣୀ ପାହାଡ଼ର ଶୀର୍ଷଦେଶରେ ଥିବା ମହାନସନ୍ଥ ସାଧକ ଆରକ୍ଷିତ ଦାସଙ୍କପୀଠରେ ଏହି ଶିବିର ହେବାକୁ ସ୍ଥିର କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ନିମନ୍ତେ ମଙ୍ଗଳବାର ଜିଲା ସଭାପତି ଗୌତମ ରାୟ, ବଡ଼ଚଣା ଭାଜପା ନେତା ଅମର ନାୟକ, ରବିନାରାୟଣ ବେହେରା ପ୍ରମୁଖ ଓଲାଶୁଣୀ କ୍ଷେତ୍ର ପରିଦର୍ଶନ କରିଛନ୍ତି। କାର୍ଯ୍ୟକ୍ରମେର ଜିଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳରୁ ସବୁ ବର୍ଗର ଜିଲା ପଦାଧିକାରୀ ଯୋଗଦେବେ ବୋଲି ଜିଲା ସଭାପତି ପ୍ରକାଶ କରିଛନ୍ତି।

# କାମରେ ଲାଗୁନି ପାନୀୟ ଜଳ ଯୋଗାଣ ପ୍ରକଳ୍ପ

### ପାଣିରେ ପଡ଼ିବ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା

ଚଣ୍ଡିଖୋଲ,୧୪।୧୨(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଅଧୀନ ବାଲିପଡ଼ିଆ ପଞ୍ଚାୟତରେ ନିର୍ମିତ ପାନୀୟ ଜଳ ଯୋଗାଣ ପ୍ରକଳ୍ପଟି କାମରେ ଲାଗୁନି। ୨୦୧୮-୧୯ରେ ୧ କୋଟି ୩୦ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଉକ୍ତ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ହେଲେ ପ୍ରକଳ୍ପଟି ତା'ର ମୂଳଲକ୍ଷ୍ୟରୁ ଦୂରେଇ ଯାଇଛି। ଏଠାରୁ ନିର୍ଗତ ପାଣି କ୍ଷାର ଯୁକ୍ତ ଓ କିଛି ସମୟ ରହିଲେ ପାଣିରେ ହଳଦୀ ରଙ୍ଗର ଆସ୍ତରଣ ଜମିଯାଉଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ନିୟମ ଅନୁସାରେ ପାଣିର ମାନ ଠିକ୍ ନ ରହିଲେ ପ୍ରକଳ୍ପ ନିର୍ମାଣ ହେବା କଥା ନୁହେଁ। ମାତ୍ର ଏଠାରେ ପାଣିର ମାନ ଖରାପ ଥିଲେ ମଧ୍ୟ କାହା ସ୍ୱାର୍ଥରେ ପ୍ରକଳ୍ପ ନିର୍ମାଣ କରାଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏହି ପଞ୍ଚାୟତରେ ଜଳଜୀବନ ମିଶନ ଯୋଜନାରେ ଜନସାଧାରଣଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଉକ୍ତ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏଥିରେ ଏକ ପାଣି ଟାଙ୍କି ନିର୍ମାଣ ସହ ଗ୍ରାମର ପ୍ରତ୍ୟେକ ଘରକୁ ପାଣି ଯୋଗାଇବା ନିମନ୍ତେ ଟ୍ୟାପ ବସାଯାଇଥିଲା। ଏଥିନିମନ୍ତେ ଦୁଇଟି ସ୍ଥାନରେ ବୋରୱେଲ ଖନନ କରାଯାଇଥିଲା। ତେବେ ଠିକା ସଂସ୍ଥା ପକ୍ଷରୁ ପାଇପ୍‌ବିଛା ସମୟରେ ଗ୍ରାମର ରାସ୍ତା ବିଭିନ୍ନ ସ୍ଥାନରେ ଖୋଳାଯାଇଥିଲେ ମଧ୍ୟ ଆଜି ଯାଏ ତାହା ମରାମତି କରାଯାଇନାହିଁ। ବିଭିନ୍ନ ଗୃହ ନିକଟରେ ବସାଯାଇଥିବା ଟ୍ୟାପ୍‌ଗୁଡ଼ିକ ଅତ୍ୟନ୍ତ ନିମ୍ନମାନର ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନିୟମ ଅନୁଯାୟୀ ଯେପରି ଭାବେ ପାଇପ୍ ବିଛା ଯିବା କଥା ତାହା କରାଯାଇନାହିଁ। ଅନ୍ୟପକ୍ଷରେ ବିଛା ଯାଇଥିବା ପାଇପ୍ ସବୁ ସ୍ୱୀକୃତିପ୍ରାପ୍ତ କମ୍ପାନୀର ନୁହେଁ ବୋଲି ମଧ୍ୟ ଅଭିଯୋଗ ହୋଇଛି। ତେବେ ସବୁଠାରୁ ବଡ଼କଥା ହେଲେ ପ୍ରକଳ୍ପ ନିକଟରେ ଖୋଳାଯାଇଥିବା ବୋରୱେଲରୁ ବ୍ୟବହାର ଅନୁପଯୋଗୀ ପାଣି ବାହାରୁ ଥିଲେ ମଧ୍ୟ ଏବିଷୟରେ ଆଜି ଯାଏ ପଦକ୍ଷେପ ନିଆଯାଇନାହିଁ। ଏନେଇ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ କୁଳମଣି ବେହେରା କହିଛନ୍ତି, ପ୍ରକଳ୍ପ ନିକଟରେ ଥିବା ଦ୍ୱିତୀୟ ବୋରୱେଲରୁ ଜଳ ଯୋଗାଣ ପାଇଁ ପଦକ୍ଷେପ ନିଆଯିବ। ଯଦି କୌଣସି ବ୍ୟତିକ୍ରମ ଦେଖାଦିଏ ତା'ହେଲେ ମେଗା ପାନୀୟ ଜଳ ଯୋଗାଣ ଅଧୀନରେ ଏହି ପ୍ରକଳ୍ପ ଚାଲୁ କରାଯିବ।


ପାନୀୟଜଳ ପ୍ରକଳ୍ପ।

### ଧର୍ମଶାଳାର ୪୬,୩୧୭ ପରିବାର ପାଇବେ ସ୍ମାର୍ଟ ହେଲ୍‌ଥ କାର୍ଡ

ଧର୍ମଶାଳା,୧୪।୧୨(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ସ୍ମାର୍ଟ କାର୍ଡରେ ବୁଧବାର ଯାଜପୁର ଜିଲା ଯୋଡ଼ିହେବ। ଏଥିରେ ଧର୍ମଶାଳା ବ୍ଲକର ୪୬,୩୧୭ ପରିବାରର ୧ଲକ୍ଷ ୮୧ହଜାର ୯୬୨ଜଣ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ସ୍ମାର୍ଟ କାର୍ଡ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ଏନେଇ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ବଣ୍ଟନ କରାଯିବାର ବ୍ୟବସ୍ଥା କରାଯାଇଛି। ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଏଥିରେ ଯୋଗଦେଇ ୧୦୦ ପରିବାରକୁ ସ୍ମାର୍ଟ କାର୍ଡ ବଣ୍ଟନ କରିବେ। ପରେ ପର୍ଯ୍ୟାୟକ୍ରମେ ବ୍ଲକର ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ ଏହି କାର୍ଡ ବଣ୍ଟନ କରାଯିବ ବୋଲି ବିଡିଓ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି। ଏହି ସ୍ମାର୍ଟ ହେଲଥ୍ କାର୍ଡରେ ମହିଳାଙ୍କ ପାଇଁ ୧୦ଲକ୍ଷ ଓ ପୁରୁଷଙ୍କ ୫ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ରହିଛି।

# ଯାଜପୁର କଂଗ୍ରେସ ପକ୍ଷରୁ ଏସ୍‌ପି ଅଫିସ ଘେରାଉ



କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ପାଣିକୋଇଲି,୧୪।୧୨(ଡି.ଏନ.ଏ.)

ଯାଜପୁର ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳାବର ପାଣିକୋଇଲିସ୍ଥିତ ଏସ୍‌ପି ଅଫିସ ଘେରାଉ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମମିତା ମେହେରଙ୍କୁ ନ୍ୟାୟ, ବର୍ଦ୍ଧିତ ନାରୀ ନିର୍ଯାତନାର ପ୍ରତିବାଦ ଓ ମମିତାଙ୍କୁ ନ୍ୟାୟ ଦାବିରେ ଛାତ୍ର କଂଗ୍ରେସ କର୍ମକର୍ତ୍ତାଙ୍କ ଦ୍ୱାରା ଆୟୋଜିତ ବିକ୍ଷୋଭରେ ପୋଲିସର ବର୍ବରୋଚିତ ଲାଠିମାଡ଼ ଏବଂ କଂଗ୍ରେସ ଭବନରେ ପୋଲିସର ଗୁଣ୍ଡାଗିରି ପ୍ରତିବାଦରେ ଏହି ଘେରାଉ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନରେ ଜିଲା କଂଗ୍ରେସ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାର ୧୦ଟି ବ୍ଲକ ଓ ୨ଟି ପୌରାଞ୍ଚଳର ନେତୃମଣ୍ଡଳୀ ଯୋଗଦାନ କରିଥିଲେ। ପାଣିକୋଇଲି ମା' ତାରିଣୀ ମନ୍ଦିର ପ୍ରାଙ୍ଗଣରୁ ଏକ ଶୋଭାଯାତ୍ରା ବଜାର ପରିକ୍ରମା କରି ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା।

ଜିଲା ସଭାପତି ମନୋଜ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପୂର୍ବତନ ଏମ୍‌ପି ତଥା ବରିଷ୍ଠ ଶ୍ରମିକ ନେତା ରାମ ଚନ୍ଦ୍ର ଖୁଣ୍ଟିଆ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ଯାଜପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ସନ୍ତୋଷ ନନ୍ଦ, ବରୀ କଂଗ୍ରେସ ନେତା ଉମେଶ ଜେନା, ବଡ଼ଚଣା କଂଗ୍ରେସ ନେତା ଅଜୟ ସାମଲ, ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ରାଜ୍ୟ ଆଇନ ସେଲ ସଭାପତି ସୁରେନ୍ଦ୍ରନାଥ କର, ଧର୍ମଶାଳା କଂଗ୍ରେସ ନେତା କିଷାନ ପଣ୍ଡା, ବଳଭଦ୍ର ଦାସ, ଶ୍ରୀନାଥ ମିଶ୍ର, ଅଜିଜ ଖାନ, ଅନୁପ ନାୟକ, ମାନସ କର ଓ ମିହିର ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଏସ୍‌ପିଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଗଡ଼ମଧୁପୁର, ତାଳଜଙ୍ଗ, ଗଙ୍ଗାଧରପୁର ଓ କୁମାରୀ ବିଜୟୀ

### କେଡିଏମ୍ କ୍ରିକେଟ ଟୁର୍ନାମେଣ୍ଟ୍

ଧର୍ମଶାଳା,୧୪।୧୨(ଡି.ଏନ.ଏ.)

କଳ୍ପତରୁ ଦାସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରର ମଙ୍ଗଳବାର ୨ ପଡ଼ିଆରେ ଅନୁଷ୍ଠିତ ୪ଟି ମ୍ୟାଚ୍‌ରେ ଗଡ଼ମଧୁପୁର, ତାଳଜଙ୍ଗ, ଗଙ୍ଗାଧରପୁର ଓ କୁମାରୀ ଟିମ୍ ବିଜୟୀ ହୋଇଛନ୍ତି। ଧର୍ମଶାଳା ବ୍ଲକ ଅଧୀନ ବାରକଣା ଖେଳପଡ଼ିଆରେ ମଧୁସୂଦନପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୧୦୭ରନ କରିଥିଲା। ଜବାବରେ ଗଡ଼ମଧୁପୁର ଟିମ୍ ବ୍ୟାଟିଂ କରି ୧୦ ଓଭରରେ ୫ ଉଇକେଟ ହରାଇ ୧୧୩ ରନ କରି ବଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ତାଳଜଙ୍ଗ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ହରାଇ ୨୦୭ ରନ କରିଥିଲା। ଦଳ ପକ୍ଷରୁ ସୋମ୍ୟ ରଞ୍ଜନ ମଲ୍ଲ ଧୂଆଁଧାର ବ୍ୟାଟିଂ କରି ୪୩ ବଲରେ ୧୧୬ରନ କରିଥିଲେ। ଜବାବରେ ଏଣ୍ଡଲବା ଟିମ୍ ୧୩ ଓଭରରେ ସମସ୍ତ ଉଇକେଟ ହରାଇ ୧୫୨ରନ କରି ପରାଜିତ ହୋଇଥିଲା। ଉଭୟ ମ୍ୟାଚ୍‌କୁ ସିଦ୍ଧାର୍ଥ ମହାନ୍ତି ଓ ନାରାୟଣ ପାଳ ପରିଚାଳନା କରିଥିଲେ। ସେହିପରି ଏହି ବ୍ଲକ ତରଞ୍ଜିଆ ଖେଳପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଗଙ୍ଗାଧରପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୧୮୧ ରନ କରିଥିଲା। ଜବାବରେ ଆରୁହା ଟିମ ୧୦.୪ ଓଭରରେ ସମସ୍ତ ଉଇକେଟ ହରାଇ ୭୩ ରନ କରି ପରାସ୍ତ ହୋଇଥିଲା। ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ କୁମାରୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରର ଶେଷ ବଲରେ ସମସ୍ତ ଉଇକେଟ ହରାଇ ୧୭୧ରନ କରିଥିଲା। ଜବାବରେ ପାଖର ଟିମ ୧୨.୫ ଓଭରରେ ସମସ୍ତ ଉଇକେଟ ହରାଇ ୫୭ରନ କରି ପରାସ୍ତ ହୋଇଥିଲା। ଏହି ମ୍ୟାଚକୁ ଉତ୍ତମ ସାମଲ ଓ ମହେଶ୍ୱର ସ୍ୱାଇଁ ପରିଚାଳନା କରିଥିଲେ। ବୁଧବାର ବାରକଣା ଖେଳପଡ଼ିଆରେ ଅଞ୍ଜିରା ଟିମ୍ ସହିତ ଗଡ଼ମଧୁପୁର ଟିମ୍ ଓ କବାଟବନ୍ଧ ଟିମ ସହିତ ତାଳଜଙ୍ଗ ଟିମ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ସେହିପରି ତରଞ୍ଜିଆ ଖେଳପଡ଼ିଆରେ କଣ୍ଟିଗଡ଼ିଆ ଟିମ୍ ସହିତ କୁମାରୀ ଓ ରାଇଛନ୍ଦା ଟିମ ସହିତ ଗଙ୍ଗାଧରପୁର ଟିମ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି କେଡିଏମ୍ ଉପାଧ୍ୟକ୍ଷ ରଶ୍ମୀରଞ୍ଜନ ରାୟ ସୂଚନା ଦେଇଛନ୍ତି।

### ଗାନ୍ଧୀ ଆଦର୍ଶବାଦୀଙ୍କ ପରଲୋକ

ରସୁଲପୁର,୧୪।୧୨(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଧୀନ ଭୋଟକା ପଞ୍ଚାୟତର ବର୍ଷୀୟାନ ଗାନ୍ଧୀ ଆଦର୍ଶବାଦୀ ବ୍ୟକ୍ତି ତଥା ପୂର୍ବତନ ଶିକ୍ଷକ କ୍ଷେତ୍ରବାସୀ ପତିଙ୍କ ୯୩ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଶିକ୍ଷାର ପ୍ରଚାରପ୍ରସାର, ଯୁବକଙ୍କୁ ସମାଜିକ କାର୍ଯ୍ୟରେ ନିୟୋଜିତ କରିବା ଓ ପରିବେଶ ସୁରକ୍ଷା ଆଦି କାର୍ଯ୍ୟ ଉପରେ ଗୁରୁତ୍ୱ ଦେଉଥିଲେ। ୧୯୫୧ରେ ମଧୁବନ ପ୍ରାଥମିକ ବିଦ୍ୟାଳୟର ପ୍ରତିଷ୍ଠାତା ଶିକ୍ଷକ ଭାବେ କାର୍ଯ୍ୟ ଆରମ୍ଭ କରି ୧୯୯୧ ସେପ୍ଟେମ୍ବରରେ ଚାକିରିରୁ ଅବସର ଗ୍ରହଣ କରିଥିଲେ। ୪୦ବର୍ଷ ଚାକିରି ଜୀବନରେ ସେ ଅନେକ ବିଦ୍ୟାଳୟରେ ଶିକ୍ଷକତା କରିବାର ସୁଯୋଗ ପାଇଥିଲେ। ତାଙ୍କର ଶିକ୍ଷକତା ଦିଗରେ ନିଷ୍ଠା ଓ କର୍ତ୍ତବ୍ୟପରାୟଣତା ଯୋଗୁ ସେ ସ୍ଥାନୀୟ ଅଞ୍ଚଳ ଲୋକଙ୍କ ପ୍ରିୟପାତ୍ର ହୋଇ ପାରିଥିଲେ। ପରିବେଶବିତ୍ ସ୍ୱର୍ଗତ ବାଙ୍କବିହାରୀ ଦାସ ଓ ଗାନ୍ଧିବାଦୀ ନେତା ତଥା ସ୍ୱାଧୀନତା ସଂଗ୍ରାମୀ ପରମାନନ୍ଦ ମହାନ୍ତିଙ୍କ ସେ ଘନିଷ୍ଠ ଥିଲେ। ଅବସର ଜୀବନକୁ ନାନା ସାଂଗଠନିକ କାର୍ଯ୍ୟରେ ନିୟୋଜିତ କରିଥିଲେ। ବିଭିନ୍ନ ଶିକ୍ଷା ପରିଚାଳନା କମିଟିର ସଦସ୍ୟ ରହି ଶିକ୍ଷାକୁ ବ୍ୟାପକ କରିବାରେ ବ୍ରତୀଥିଲେ। ଶିକ୍ଷାବିତ୍ ଜିତେନ୍ଦ୍ର କର, କୈଳାସ ଚନ୍ଦ୍ର ନାୟକ ପ୍ରମୁଖ ତାଙ୍କ ଶେଷ ଦର୍ଶନକରିବା ସହ ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ବଡ଼ପୁଅ ବ୍ରଜକିଶୋର ପତି ମୁଖାଗ୍ନି ଦେଇଥିଲେ। ଶେଷକୃତ୍ୟ ବେଳେ ତାଙ୍କର ଅନ୍ୟ ୩ ପୁଅ, ବୋହୂ, ଜ୍ଞାତିକୁଟୁମ୍ବର ସଦସ୍ୟ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

# ଆଜି ଶୁଖୁଆପଡ଼ା ଖଣି ଖନନର ଜନଶୁଣାଣି

ଚଣ୍ଡିଖୋଲ,୧୪।୧୨(ଡି.ଏନ.ଏ.)

ଯାଜପୁର ଜିଲା ଦର୍ପଣ ତହସିଲ ଅନ୍ତର୍ଗତ ଶୁଖୁଆପଡ଼ା ପାହାଡ଼ରୁ ଓଡ଼ିଶା ଖଣି ନିଗମ ଖଣ୍ଡୋଲାଇଟ ପଥର ଖନନ କରିବ। ଏଥିପାଇଁ ବୁଧବାର ଏହି ତହସିଲ ଅନ୍ତର୍ଗତ ପଲାଇ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଜନଶୁଣାଣି କରାଯିବ ବୋଲି ବଡ଼ଚଣା ବିଡିଓ ୧ ତାରିଖରେ ଚିଠି ସଂଖ୍ୟା ୫୭୫୪ରେ ସୂଚନା ଦେଇଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ହେବାକୁ ଥିବା ଏହି ଜନଶୁଣାଣିରେ ଜିଲା ପ୍ରଶାସନ ସମେତ ଓଡ଼ିଶା ଖଣି ନିଗମର ଅଧିକାରୀମାନେ ଉପସ୍ଥିତ ରହିବେ। ପଲାଇ ପଞ୍ଚାୟତ ଅଧୀନ ଶୁଖୁଆପଡ଼ା ଓ କେଶରାଇପୁର ମୌଜାର ଦୁଇଟି ସ୍ଥାନରୁ ଖଣି ଖନନ କରାଯିବ। ଜନଶୁଣାଣିରେ କେଶରାଇପୁର, ବନ୍ଦରେଶ୍ୱର ଓ ପଲାଇ ଗ୍ରାମର ଜନସାଧାରଣ ଉପସ୍ଥିତ ରହି ମତ ରଖିବାକୁ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟ ସରକାର ଅବଢ଼ା ଯୋଜନାରେ ପୁରୀର ବିକାଶ ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ଏହି ପଥରକୁ ବ୍ୟବହାର କରିବେ। ସେଥିପାଇଁ ପରିବେଶ ମଞ୍ଜୁରୀ ପାଇଁ ଆବେଦନ ହେବା ପରେ ଜିଲା ପ୍ରଶାସନ ତରଫରୁ ଜନଶୁଣାଣି କରାଯିବ। ସୂଚନା ଥାଉକି, ଏହି ପାହାଡ଼ର ଶୀର୍ଷ ଦେଶରେ ପ୍ରାଚୀନ ବୌଦ୍ଧ ସ୍ତୁପ ପାରାଭାଡ଼ି ରହିଥିବା ବେଳେ କେଶରାଇପୁର ମୌଜାରେ ବୌଦ୍ଧ କୀର୍ତ୍ତିରାଜି ହାତୀଖାଲ ରହିଛି। ଏହା ସହ ଏହି ପାହାଡ଼ ପାଦଦେଶରେ ସିଦ୍ଧ ମହାପୁରୁଷ ଲଙ୍ଗୁଳି ମଠ ରହିଛି। ତେଣୁ ପାହାଡ଼ ଖନନ କରାଗଲେ ବ୍ୟାପକ ବୌଦ୍ଧ କୀର୍ତ୍ତିରାଜି ନଷ୍ଟ ହେବ ବୋଲି ଐତିହାସିକ ମତବ୍ୟକ୍ତ କରିଛନ୍ତି।

# ଭିସା ଷ୍ଟିଲ୍‌କୁ ଉର୍ଜା ସଂରକ୍ଷଣ ପୁରସ୍କାର


କାରଖାନାର ନିର୍ଦ୍ଦେଶକ ପୁରସ୍କାର ଗ୍ରହଣ କରୁଛନ୍ତି।

କଳିଙ୍ଗନଗର,୧୪।୧୨(ଡି.ଏନ.ଏ.)

ଚଳିତବର୍ଷ ଉର୍ଜା ସଂରକ୍ଷଣ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ ପାଇଁ ଯାଜପୁର ଜିଲାର କଳିଙ୍ଗନଗରସ୍ଥିତ ଭିସା ଷ୍ଟିଲ କାରଖାନା ସର୍ବଭାରତୀୟସ୍ତରରେ ୩୧ତମ ଜାତୀୟ ଉର୍ଜା ସଂରକ୍ଷଣ ପୁରସ୍କାର ପାଇଛି। ଏହା କଳିଙ୍ଗନଗର ଶିଳ୍ପାଞ୍ଚଳ ତଥା ଯାଜପୁର ଜିଲା ଓ ରାଜ୍ୟପାଇଁ ଗୌରବର ବିଷୟ। ଭିସା କାରଖାନାରେ ଉର୍ଜା ସଂରକ୍ଷଣ ପାଇଁ କରାଯାଇଥିବା ବିଭିନ୍ନ କାର୍ଯ୍ୟଧାରା ଓ ପଦ୍ଧତି ପାଇଁ ଏହି ସଫଳତା ମିଳିଛି। ମଙ୍ଗଳବାର ରାଜଧାନୀ ଦିଲ୍ଲୀରେ ଭାରତ ସରକାରଙ୍କ ଉର୍ଜା ଦକ୍ଷତା ବ୍ୟୁରୋ, ଶକ୍ତିମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ପୁରସ୍କାର ବିତରଣ ସମାରୋହରେ କେନ୍ଦ୍ର ବିଦ୍ୟୁତ୍, ନବୀନ ଓ ନବୀକରଣ ଶକ୍ତିମନ୍ତ୍ରୀ ରାଜକୁମାର ସିଂ ଓ ବିଦ୍ୟୁତ୍ ରାଜ୍ୟମନ୍ତ୍ରୀ କୃଷ୍ଣପାଲଙ୍କଠାରୁ କାରଖାନାର ନିର୍ଦ୍ଦେଶକ ମନୋଜ କୁମାର ଏହି ପୁରସ୍କାର ଗ୍ରହଣ କରିଛନ୍ତି। ସମସ୍ତ କର୍ମଚାରୀ ଓ ଶ୍ରମିକଙ୍କୁ କାରଖାନାର ଏହି ସଫଳତା ପାଇଁ ନିର୍ଦ୍ଦେଶକ ମନୋଜ ସାଧୁବାଦ ଜଣାଇଛନ୍ତି। ୧୯୯୧ରୁ ଡିସେମ୍ବର ୧୪କୁ ଭାରତ ବର୍ଷରେ ଜାତୀୟ ଉର୍ଜା ସଂରକ୍ଷଣ ଦିବସ ପାଳନ କରାଯାଉଛି। ଏହି ଦିନକୁ ଶକ୍ତି ମନ୍ତ୍ରଣାଳୟ ତରଫରୁ ବହୁ ଆଡମ୍ବରରେ ପାଳନ କରାଯାଇଥାଏ। ଉର୍ଜା ସଂରକ୍ଷଣ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭିନ୍ନ ଉଦ୍ୟୋଗ ଓ ସଂସ୍ଥାଗୁଡିକୁ ପୁରସ୍କାର ବିତରଣ କରାଯାଇଥାଏ।

### ଓସିଏ ଭିଜନ-୨୪ କ୍ରିକେଟ୍ ଉଦ୍‌ଘାଟିତ

ପାଣିକୋଇଲି,୧୪।୧୨(ଡି.ଏନ.ଏ.)

କ୍ରୀଡ଼ା କ୍ଷେତ୍ରରେ ଗ୍ରାମାଞ୍ଚଳରେ ଲୁଚି ରହିଥିବା ପ୍ରତିଭା ଅନ୍ୱେଷଣ ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ଜିଲା କ୍ରିକେଟ ଆସୋସିଏଶନ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଣିକୋଇଲି କଲେଜ ପଡ଼ିଆରେ ୧୦ ଦିନିଆ ଇଣ୍ଟ୍ରାକ୍ଲବ ସିନିୟର କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍ ବିସିସି ପାଣିକୋଇଲି ଓ ଏମ୍‌ଟିଏସ୍ ଗୁଲଜାର ପାଟଣା ମଧ୍ୟରେ ଖେଳାଯାଇଥିଲା। ଏଥିରେ ବିସିସି ବିଜୟୀ ହୋଇଛି। ଏମ୍‌ଟିଏସ୍ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୫୦ ଓଭର ମଧ୍ୟରୁ ୩୭.୫ ଓଭରରେ ସମସ୍ତ ଉଇକେଟ ହରାଇ ୨୭୩ ରନ କରିଥିଲା। ଦଳ ପକ୍ଷରୁ ସାୱାନ ପହରିଆ ୧୧୪ ରନ ( ୮୩ ବଲ) ଓ ଜଗନ ମହାପାତ୍ର ୩୭ରନ (୨୫ବଲ୍) କରିଥିଲେ। ବିସିସିର ଅନିସ ଖାଁ ୨୫ ରନ ବିନିମୟରେ ୩ ଉଇକେଟ ନେଇଥିବାବେଳେ ବିଶ୍ୱଜିତ୍ ମହାପାତ୍ର ୩୨ରନ ଦେଇ ୩ ଉଇକେଟ ନେଇଥିଲେ। ଜବାବରେ ବିସିସି ୩୯.୩ ଓଭରରେ ୬ ଉଇକେଟ ବିନିମୟରେ ୨୭୯ ରନ କରି ମ୍ୟାଚ ଜିତିଥିଲା। ବିସିସିର ସତ୍ୟଜିତ ସିଂହ ୯୩ ( ୭୩ ବଲ) ଏବଂ ଶୁଭଦୀପ ବେହେରା ୫୮ ରନ (୫୭ ବଲ୍) କରିଥିଲେ। ଏମ୍‌ଟିଏସ୍‌ର ଚିନ୍ମୟ ବେଉରିଆ ୩୯ରନ ଦେଇ ୨ଟି ଉଇକେଟ ଅକ୍ତିଆର କରିଥିଲେ। ମ୍ୟାଚ୍‌କୁ ମାନସ ବେଉରିଆ ଓ ଛାୟାକାନ୍ତ ଦ୍ୱିବେଦୀ ପରିଚାଳନା କରିଥିଲେ। ସ୍କୋରର୍ ଭାବେ ଯଯାତୀ କେଶରୀ ସାମଲ ଓ ସୁମିତ୍ରା ସାହୁ ଦାୟିତ୍ୱ ତୁଲାଇଥିଲେ।

# ବିଜେଡିରେ ସାମିଲ ହେଲେ ଶତାଧିକ କର୍ମୀ

ଧର୍ମଶାଳା,୧୪।୧୨(ଡି.ଏନ.ଏ.)

ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ବିକାଶ ମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ୧୩ନଂ. ଜୋନ୍ ର ନେଉଳପୁର ପଞ୍ଚାୟତରୁ ସମସୁଲ ଖାନ୍‌ଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଅପରାହ୍ନରେ କଳ୍ପତରୁ ଦାସ ଷ୍ଟାଡିୟମ୍‌ଠାରେ ଆୟୋଜିତ ମିଶ୍ରଣ ପର୍ବରେ ଦଳରେ ସାମିଲ ହୋଇଥିବା କର୍ମୀମାନଙ୍କୁ ବିଧାୟକ ବଳବନ୍ତରାୟ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ବିଜେଡି ସଭାପତି ଜଳଧର ମହାନ୍ତି, ଜିଲା ପରିଷଦ ସଭ୍ୟ ନିରଞ୍ଜନ ରାଉତ, ବିକ୍ରମ ବିଶ୍ୱାଳ, ପଞ୍ଚାନନ ରାଉତ, ସରପଞ୍ଚ ଦିବାକର ବେହେରା, ଇନ୍ତେକବ ଆଲାମ୍, ସଞ୍ଜିବ କୁମାର ଜେନା, ପୂର୍ବତନ ସରପଞ୍ଚ ମୁଟୁରି ନାୟକ, ବିଧାୟକ ପ୍ରତିନିଧି ନିର୍ମଳ ଚନ୍ଦ୍ର ପ୍ରଧାନ, ପ୍ରସନ୍ନ ରାଉତ, ନିରଞ୍ଜନ ବଳ, ଯୁବ ବିଜେଡି ସଭାପତି କ୍ଷିତୀଶ କୁମାର ନାୟକ, ଯୁବ ସଙ୍ଗଠକ ପ୍ରତାପ ପ୍ରଧାନ ଏବଂ ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା।


ବିଜେଡିରେ ସାମିଲ ହୋଇଥିବା କର୍ମୀଙ୍କୁ ସ୍ୱାଗତ କରାଯାଉଛି।

# ପୁନର୍ଗଠନ ହେଉନି ବିଦ୍ୟାଳୟ ପରିଚାଳନା କମିଟି

### ରସୁଲପୁର ବ୍ଲକ

- ଅଭିଭାବକ ମହଲରେ ବଢ଼ୁଛି ଅସନ୍ତୋଷ
- ଶୀଘ୍ର କମିଟି ପୁନର୍ଗଠନ ନିମନ୍ତେ ଦାବି

ରସୁଲପୁର,୧୪।୧୨(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଧୀନ ୧୯୪ ବିଦ୍ୟାଳୟରେ ପରିଚାଳନା କମିଟି ପୁନର୍ଗଠନ ହେଉନାହିଁ। ସେଥିରେ ୯୮ ପ୍ରାଥମିକ ବିଦ୍ୟାଳୟ, ୬୬ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୧୭ ବ୍ଲକ୍‌ଗ୍ରାଣ୍ଟ, ୮ଟି ଏଡେଡ୍ ବିଦ୍ୟାଳୟ ଓ ୫ଟି ମଦରସା ରହିଛି। ଏ ସମସ୍ତ ବିଦ୍ୟାଳୟ ପରିଚାଳନା କମିଟି ଅବଧି ଚଳିତବର୍ଷ ସେପ୍ଟେମ୍ବରରୁ ଶେଷ ହୋଇସାରିଛି। ଅକ୍ଟୋବର ଶେଷ ସୁଦ୍ଧା କମିଟି ପୁନର୍ଗଠନ ପାଇଁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ କାର୍ଯ୍ୟକ୍ରମ(ଓସେପା)ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ହେଲେ କମିଟି ପୁନର୍ଗଠନରେ ବିଳମ୍ବ ଘଟୁଥିବାରୁ ମଧ୍ୟାହ୍ନଭୋଜନ, ପୋଷାକ ବିତରଣ ଭଳି ବିଦ୍ୟାଳୟ ପରିଚାଳନାର ବିଭିନ୍ନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଅନ୍ୟପକ୍ଷରେ ଏହାକୁ ନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଶୀଘ୍ର କମିଟି ପୁନର୍ଗଠନ କରିବାକୁ ଦାବି ହୋଇଛି।

ଗଣଶିକ୍ଷା ବିଭାଗ ଅଧୀନ ୧ମରୁ ୮ମ ପର୍ଯ୍ୟନ୍ତ ବିଦ୍ୟାଳୟଗୁଡ଼ିକର ପରିଚାଳନା ପାଇଁ କମିଟି ଗଠନ ବିଧି ରହିଛି। ଗଠିତ କମିଟି କାର୍ଯ୍ୟକାଳ ୩ବର୍ଷ ବଳବତ୍ତର ରହିଥାଏ। ଶେଷ କମିଟିଗୁଡ଼ିକ ସେପ୍ଟେମ୍ବର ୨୦୧୮ରେ ଗଠନ ହୋଇଥିଲା। ହେଲେ କମିଟି ପୁନର୍ଗଠନ ନିର୍ଦ୍ଦେଶକୁ ଶିକ୍ଷା ବିଭାଗ ହାଲୁକା ଭାବେ ନେଇଛି। ଏପର୍ଯ୍ୟନ୍ତ କମିଟି ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇନାହିଁ। କମିଟି ପୁନର୍ଗଠନ ପୂର୍ବରୁ ପଞ୍ଚାୟତରେ ଶିକ୍ଷା ଷ୍ଟାଣ୍ଡିଂ କମିଟି ଗଠନ କରାଯିବ। ଉକ୍ତ କମିଟିକୁ ନେଇ ଏକ ବୈଠକ ହେବ। ବୈଠକରେ ବିଦ୍ୟାଳୟଗୁଡ଼ିକରେ କେବେ ଅଭିଭାବକ ବୈଠକ ଆହ୍ୱାନ କରାଯିବ ସେ ନିଷ୍ପତ୍ତି ନିଆଯିବ। ଅଭିଭାବକ ଓ ଶିକ୍ଷକ ଆସୋସିଏଶନ ଗଠନ ପରେ ସେଥିରୁ ୧୨ଜଣିଆ କମିଟି ଗଠନ କରାଯିବ। ଉକ୍ତ ୧୨ଜଣଙ୍କ ମଧ୍ୟରୁ ୧ ସପ୍ତାହ ପରେ ସଭାପତି ଚୟନ କରାଯିବ। ସେହି କମିଟିକୁ ଅନୁମୋଦନ କରାଯିବା ସହ ପ୍ରଧାନଶିକ୍ଷକ ଓ ପରିଚାଳନା କମିଟି ସଭାପତିଙ୍କ ନାମରେ ବ୍ୟାଙ୍କ ଜମାଖାତା ଖୋଲାଯିବ। ଏହି ଖାତାରେ ବିଦ୍ୟାଳୟର ସମସ୍ତ ଅର୍ଥ କାରବାର ହେବ। ହେଲେ କମିଟି ପୁନର୍ଗଠନର ପ୍ରଥମ ପାହାଚ କୁହାଯାଉଥିବା ପଞ୍ଚାୟତ ଷ୍ଟାଣ୍ଡିଂ କମିଟି ଗଠନ କରାଯାଇନାହିଁ। ଏବେଠାରୁ କାର୍ଯ୍ୟ ଆରମ୍ଭ ହେଲେ ପ୍ରକ୍ରିୟା ଶେଷ ହେବାକୁ ଅନ୍ୟୂନ୍ ମାସେ ସମୟ ଲାଗିବ। ଏହି ଦିଗକୁ ଦୃଷ୍ଟି ଦେଲେ ପରିଚାଳନା କମିଟି ଏ ବର୍ଷ ଶେଷ ହୋଇ ନ ପାରିବା ଭଳି ମନେହେଉଛି। ତେବେ କମିଟି ପୁନର୍ଗଠନରେ ବିଳମ୍ବ ହେଲେ ବିଦ୍ୟାର୍ଥୀଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେବ ବୋଲି ବୁଦ୍ଧିଜୀବୀ ମତପୋଷଣ କରୁଛନ୍ତି। ଏ ଦିଗରେ ବ୍ଲକ ସହ ଶିକ୍ଷାଧିକାରୀ ଭିକାରୀ ଚରଣ କବି କହିଛନ୍ତି, ପଞ୍ଚାୟତରେ ଷ୍ଟାଣ୍ଡିଂ କମିଟି ଗଠନ ନେଇ ବିଡିଓଙ୍କୁ ଅବଗତ କରାଯାଇଛି। ହେଲେ ଷ୍ଟାଣ୍ଡିଂ କମିଟି ଗଠନରେ ବିଳମ୍ବ ହେଉଥିବାରୁ ପରିଚାଳନା କମିଟି ପୁନର୍ଗଠନ ବିଳମ୍ବ ହେଉଛି। ତେଣୁ ଏ ନେଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଉ ଏକ ପତ୍ରଲେଖି ବିଡିଓଙ୍କୁ ଅବଗତ କରାଯିବ ବୋଲି ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓଙ୍କ ପ୍ରତିକ୍ରିୟା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

**ଭିନ୍ନ ଆପରାଧିକ ଘଟଣାରେ ୩ ଗିରଫ**

ପାରାଦୀପ (ସ୍ୱ.ପ୍ର.): ପାରାଦୀପ ଆଦର୍ଶଥାନା ପୋଲିସ ମଙ୍ଗଳବାର ଭିନ୍ନ ଆପରାଧିକ ଘଟଣାରେ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ୧୩ ତାରିଖରେ ବଡ଼ପଡିଆ ବଜାର ପାଖରୁ ଏକ ବାଇକ ଚୋରି ଘଟଣାରେ ସାଗର ପୋଦାର ନାମକ ଯୁବକଙ୍କୁ (ମାମଲା ନଂ.୨୯୨/୨୧) ଗିରଫ କରିଛି। ସେହିପରି ୨ ସ୍କୁଟିରେ ୧୨ ବସ୍ତା କୋଇଲା ଚୋରି ଘଟଣାରେ (ମାମଲା ନଂ ୨୯୧/୨୧) ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପ୍ରଦୀପ ପାଣି ଓ ସୁଶାନ୍ତ ମହାନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବ ବ୍ୟବସାୟୀ ମୃତ୍ୟୁ

ଆଳି,୧୪।୧୨(ଡି.ଏନ.ଏ.): ଆଳି ଅଞ୍ଚଳର ଯୁବ ବ୍ୟବସାୟୀ ସିଲୁ ଲାହାଙ୍କ ସୋମବାର ରାତିରେ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୩୬ ବର୍ଷ ହୋଇଥିଲା। ଆଳି ଥାନା ଅନ୍ତର୍ଗତ ଲୋକାପଡ଼ା ଗାଁର ଲୋକନାଥଙ୍କ ପୁଅ ସିଲୁ ସୋମବାର ରାତିରେ କୌଣସି ଏକ କାର୍ଯ୍ୟରେ ବାଇକ୍ ନେଇ ରାଜକନିକା ଯାଉଥିବା ବାଲକାଟି ନିକଟରେ ଏକ ଗାଈ ସାମ୍ନାକୁ ଚାଲି ଆସିଥିଲା। ସେ ଗାଈ ଦେହରେ ବାଡେଇ ହୋଇ ତଳେ ପଡି ଯାଇଥିଲେ। ରାସ୍ତାରେ ପଡି ତାଙ୍କ ମୁଣ୍ଡ ଓ କାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକ ତାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡିକାଲ ରେଫର କରାଯାଇଥିଲା। ରାସ୍ତାରେ ତାଙ୍କ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଗ୍ରାମ ଶ୍ମଶାନରେ ଏକ ଶୋକାକୁଳ ପରିବେଶରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ମୃତ୍ୟୁରେ ଆଳି ମିଲବଜାରର ବ୍ୟବସାୟୀ ଦୋକାନ ବନ୍ଦ ରଖିଥିଲେ।

### ବୈତରଣୀ ନଦୀକୁ ଡେଇଁ ଯୁବକ ନିଖୋଜ

ରାଜନଗର,୧୪।୧୨(ଡି.ଏନ.ଏ.): ବୈତରଣୀ ନଦୀକୁ ଡେଇଁ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ରାଜନଗର ଥାନା ରଙ୍ଗଣୀ ପଞ୍ଚାୟତ ଭେକ୍ଟା ଗାଁର ଭାନୁ ଗିରିଙ୍କ ପୁଅ ଅମଲେନ୍ଦୁ(୩୭)। ଅମଲେନ୍ଦୁଙ୍କୁ ଦେହ ଖରାପ ଯୋଗୁ କଟକ ବଡମଡିକାଲରେ ଚିକିତ୍ସା କରାଇ ବାପା ମଙ୍ଗଳବାର କଟକରୁ ବସ୍ ଯୋଗେ ତାଙ୍କୁ ଘରକୁ ଧରି ଫେରୁଥିଲେ। ପୂର୍ବାହ୍ନ ୧୧ଟା ୪୦ରେ ରାସ୍ତା ଖରାପ ହେତୁ ବସ୍ ଆଉ ରଙ୍ଗଣୀ ଜାବନି ବୋଲି କହି କଣ୍ଡକ୍ଟର ନଳିତାପାଟିଆ ଛକରେ ଅଟକାଇ ଥିଲେ। ଅନ୍ୟ ଯାତ୍ରୀଙ୍କ ସହ ବାପପୁଅ ମଧ ବସ୍‌ରୁ ଓହ୍ଲାଇ ଥିଲେ। ବସ୍ ଓହ୍ଲାଇବାର କିଛି ସମୟ ପରେ ସ୍ନାନ କରିବାକୁ କହି ଅମଲେନ୍ଦୁ ନଈ କୂଳକୁ ଯାଇଥିଲେ। ନଳିତାପାଟିଆ ଜେଠୀରେ ପ୍ୟାଣ୍ଟ ସାର୍ଟ ଓହ୍ଲାଇ ପଥର ପ୍ୟାକିଂ ଆଡକୁ ଯାଇଥିଲେ। ଚାରି ଆଡକୁ ଅନାଇବା ପରେ ହଠାତ୍ ଅମଲେନ୍ଦୁ ନଦୀକୁ ଡେଇଁ ପଡିଥିଲେ। ପୁଅ ନଈକୁ ଡେଇଁବା ପରେ ବାପା ଭାନୁ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଦୌଡି ଆସିଥିଲେ। କୂଳରେ ବନ୍ଧା ହୋଇଥିବା ଡଙ୍ଗାକୁ ନେଇ ଲୋକେ ନଦୀରେ ତାଙ୍କୁ ଖୋଜିଥିଲେ। ଖବର ଲେଖା ହେବା ବେଳକୁ ତାଙ୍କର କୌଣସି ପତ୍ତା ମିଳିପାରୁନାହିଁ।

### ବାକ୍‌ଶକ୍ତି, ଶ୍ରବଣ ବାଧିତ ଛାତ୍ରୀଛାତ୍ରଙ୍କ ଚିକିତ୍ସା ଶିବିର

ରାଜନଗର,୧୪।୧୨(ଡି.ଏନ.ଏ.): ରାଜନଗର ଶୈଳେନ୍ଦ୍ର ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବାକ ଶକ୍ତି ଓ ଶ୍ରବଣ ବାଧିତ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କ ପାଇଁ ୩ ଦିନିଆ ଚିକିତ୍ସା ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଶିବିରକୁ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ମହାନ୍ତ ଉଦ୍‌ଘାଟନ କରିଥିଲେ। ଯେଉଁ ଛାତ୍ରୀଛାତ୍ରମାନେ ଶୁଣିବା ଓ କହିବାରେ ଅସୁବିଧା ହେଉଛି ସେମାନଙ୍କୁ ଏହି ଶିବିରରେ ଚିକିତ୍ସା କରାଯିବ। ଟ୍ରେନର ଶ୍ରୀଧର ଭୋଳ, ପୁଷ୍ପଲତା ପାଲ, ସୁଧାଂଶୁବାଳା ଦାସ ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କୁ ଟ୍ରେନିଂ ଦେବେ। ଶିବିରରେ ୪୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ଚିକିତ୍ସା କରାଯାଇଥିଲା।

### ରୋଗୀ କଲ୍ୟାଣ ସମିତି ବୈଠକ

ରଘୁନାଥପୁର,୧୪।୧୨(ଡି.ଏନ୍.ଏ.): ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସଭାକକ୍ଷରେ ମଙ୍ଗଳବାର ରୋଗୀ କଲ୍ୟାଣ ସମିତି ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗୀୟ ଅଧିକାରୀ ଯୋଗଦେଇ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ବିଦ୍ୟୁତ୍ ଜନିତ ଅସୁବିଧା ଯୋଗୁ ରୋଗୀସେବା ଅନେକ ସମୟରେ ବାଧାପ୍ରାପ୍ତ ହେଉଥିଲେ ମଧ ବିଭାଗ ପକ୍ଷରୁ ଉଚିତ ପଦକ୍ଷେପ ନିଆଯାଉ ନାହିଁ ବୋଲି ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ସୁକାନ୍ତ କୁମାର ଦଳେଇ କହିଥିଲେ। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଅନ୍ୟ ସମସ୍ୟାଗୁଡ଼ିକ ସମ୍ପର୍କରେ ମଧ ଆଲୋଚନା ହୋଇଥିଲା। ଏଥିରେ ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ, ବିଡିଓ ଜିତେନ୍ଦ୍ର କୁମାର ନାୟକ, ଜିଲା ପରିଷଦ ସଭ୍ୟ ସରୋଜକାନ୍ତ ସ୍ୱାଇଁ, ଅନ୍ତର୍ଯ୍ୟାମୀ ରାଉତ, ମେହେବୁବ ବେଗ, ରବୀନ୍ଦ୍ରନାଥ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ସମସ୍ୟାଗୁଡ଼ିକର ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ପ୍ରଭାସ କୁମାର ସ୍ୱାଇଁ, ଡା. ବିଶ୍ୱାବସୁ ମଣି, ଡା. ବିଶ୍ୱାବସୁ ମଣି ଓ ଡା. ଗାୟତ୍ରୀ ସାଇଲକ୍ଷ୍ମୀ ଯୋଗ ଦେଇଥିଲେ।

# କ୍ଷତ ସୃଷ୍ଟି କରୁଛ, କ୍ଷତି ଅଧିକ ହେବ

କେନ୍ଦ୍ରାପଡ଼ା ଅଫିସ, ୧୪।୧୨

ଶାସକ ବିଜେଡିର ଅଙ୍ଗୁଳି ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟରେ ଶାସନ ଚାଲିଛି। ମହିଳା ଏଠାରେ ସୁରକ୍ଷିତ ନୁହନ୍ତି। ପ୍ରତିବାଦ ପାଇଁ ସ୍ୱର ଉଠାଇଲେ, ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଆଇନ ନିଜ ବାଟରେ ଯିବ ବୋଲି ଭାଷଣ ଦେଇଥିବା ବିଜେଡିର ଇଙ୍ଗିତରେ ପ୍ରତିବାଦକାରୀଙ୍କୁ ଲହୁଲୁହାଣ କରାଯାଉଛି। ଶାସକ ବିଜେଡି ଯେଉଁ କ୍ଷତ ସୃଷ୍ଟି କରିଛି, ତାହାର ପରିଣାମରେ କ୍ଷତି ଅଧିକ ହେବ ବୋଲି କେନ୍ଦ୍ରାପଡ଼ା ଜିଲା କଂଗ୍ରେସ ଓ ଛାତ୍ର କଂଗ୍ରେସ ପକ୍ଷରୁ ମଙ୍ଗଳବାର ଆୟୋଜିତ ପ୍ରତିବାଦ ସଭାରେ ନେତୃମଣ୍ଡଳୀ ବକ୍ତବ୍ୟ ରଖିଛନ୍ତି। ମମିତା ମେହେରଙ୍କୁ ନ୍ୟାୟ ପ୍ରଦାନ, ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରୀମଣ୍ଡଳରୁ ବରଖାସ୍ତ, ତାଙ୍କ ବିରୋଧରେ ହତ୍ୟା ଷଡଯନ୍ତ୍ରରେ ମାମଲା ରୁଜୁ ଓ କଂଗ୍ରେସ ଭବନରେ ପୋଲିସର ନିର୍ମମ ଅତ୍ୟାଚାରକୁ ବିଚାର ବିଭାଗୀୟ ତଦନ୍ତ ଦାବିରେ ଜିଲା ସଭାପତି ଅଂଶୁମାନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜଜାଙ୍ଗସ୍ଥିତ ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ନେତା ଗଣେଶ୍ୱର ବେହେରା, ଦେବେନ୍ଦ୍ର ଶର୍ମା, ଚିନ୍ମୟ ପ୍ରସାଦ ବେହୁରା, ରତିକାନ୍ତ କାନୁନ୍‌ଗୋ, ବିଭାଂଶୁ ଲେଙ୍କା ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ କାର୍ଯ୍ୟକଳାପକୁ ସମାଲୋଚନା କରିଥିଲେ। ସେମାନେ ସଭାରେ ମତ ରଖିଥିଲେ ଯେ, ରାଜ୍ୟରେ ଏବେ ଗଣତାନ୍ତ୍ରିକ ବ୍ୟବସ୍ଥା ନାହିଁ। ଅପାରଗ ପୋଲିସ ଶାସକ ଦଳର ନିର୍ଦ୍ଦେଶରେ ପ୍ରତିବାଦକାରୀଙ୍କୁ ମାଡ ମାରିବା ସହ କଂଗ୍ରେସ ଭବନରେ ପଶି ଭଙ୍ଗାରୁଜା କରିଥିଲେ। ଜିଲାରେ କୌଣସି ମନ୍ତ୍ରୀଙ୍କୁ ପ୍ରବେଶ କରାଇ ଦିଆଯିବନାହିଁ। ସେମାନଙ୍କୁ ଅଣ୍ଡାମାଡ ହେବ ବୋଲି କଂଗ୍ରେସ ନେତାମାନେ ସଭାସ୍ଥଳରେ କହିଥିଲେ। ଏଥିସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ରକୁ ଏସ୍‌ପିଙ୍କୁ ପ୍ରଦାନ କରିଥିଲେ।



ଜଜାଙ୍ଗସ୍ଥିତ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲାର କଂଗ୍ରେସ ନେତା ଓ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରିଲା କଂଗ୍ରେସ



କଂଗ୍ରେସ ନେତା ଓ କର୍ମୀମାନେ ଏସ୍‌ପି ଅଫିସ ସମ୍ମୁଖରେ ପ୍ରତିବାଦ ସଭା କରୁଛନ୍ତି।

ଜଗତ୍‌ସିଂହପୁର ଅଫିସ, ୧୪।୧୨

ଗତ ୧୦ ତାରିଖରେ ଛାତ୍ର କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ କରାଯାଇଥିଲା। ଏହି ସମୟରେ ପୋଲିସ କଂଗ୍ରେସ କର୍ମୀଙ୍କୁ ଲାଠି ମାଡ କରିଥିଲା। ଏପରିକି ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନ ଭିତରେ ପଶି ମାଡ଼ ସାଙ୍ଗକୁ ଭଙ୍ଗାରୁଜା କରିଥିଲା। ପୋଲିସର ଏଭଳି ନିଷ୍ଠୁରତା ପ୍ରତିବାଦରେ ଜିଲା କଂଗ୍ରେସ ତରଫରୁ ମଙ୍ଗଳବାର ଜଗତ୍‌ସିଂହପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଛି। ଏଥିରେ ଜିଲା କଂଗ୍ରେସ ସଭାପତି ନଟବର ବାରିକ, ଜିଲା ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ମଲ୍ଲିକ, ଉପସଭାପତି ସର୍ବେଶ୍ୱର ପଣ୍ଡା, ପୂର୍ବତନ ଜିଲା କଂଗ୍ରେସ ସଭାପତି ରବୀନ୍ଦ୍ରନାଥ ମହାନ୍ତି, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ବିପ୍ଳବ ଚୌଧୁରୀ, ନଳିନୀ କୁମାର ସ୍ୱାଇଁ, ପ୍ରତିମା ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଜଗତ୍‌ସିଂହପୁର ବ୍ଲକ କଂଗ୍ରେସ ସଭାପତି ଅଦ୍ୱୈତ ଜେନା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାର ଓ ପୋଲିସର କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଥିଲେ।

## ମାର୍ଶାଘାଇରେ ମିଶନ ଶକ୍ତି କାଫେ ଉଦ୍‌ଘାଟିତ

ମାର୍ଶାଘାଇ, ୧୪।୧୨(ଡି.ଏନ. ଏ.)

ମାର୍ଶାଘାଇ ବ୍ଲକ ପରିସରରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପରିଚାଳିତ ମିଶନ ଶକ୍ତି କାଫେକୁ ସୋମବାର ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଉଦ୍‌ଘାଟନ କରିଛନ୍ତି। ବିଧାୟକ ନାୟକ କହିଲେ, ଏହି କାଫେ ହେବା ଫଳରେ ବ୍ଲକକୁ ଆସୁଥିବା ଜନସାଧାରଣ କମ୍ ଦାମ୍‌ରେ ଭଲ ଖାଦ୍ୟ ଖାଇ ପାରିବା ସଙ୍ଗେ ସଙ୍ଗେ ମହିଳାମାନେ ମଧ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ। ଉଦ୍‌ଘାଟନ ପରେ ଏହି କାଫେରେ ବିଧାୟକ ନାୟକ, ଜିଲାପାଳ ଅମୃତ ରତୁରାଜ, ଉପଜିଲାପାଳ ନିରଞ୍ଜନ ବେହେରା ପ୍ରମୁଖ ଭୋଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଗାହଣ, ବ୍ଲକ ସିଡିପିଓ ପ୍ରୀତିଲତା ପ୍ରହରୀ, ସହକାରୀ ଯନ୍ତ୍ରୀ ଭାବଗ୍ରାହୀ ନାୟକ, ଚନ୍ଦ୍ରମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମିଶନ ଶକ୍ତି ସଭାପତି ଶର୍ମିଷ୍ଠା ନାୟକ, ସମ୍ପାଦକ ଭାରତୀ ଦଳାଇ ଓ କୋଷାଧ୍ୟକ୍ଷ ସୁନତି ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଏମ୍‌ଏନ୍ ହାଇସ୍କୁଲ ପୁରାତନ ଛାତ୍ର ସଂସଦ କାର୍ଯ୍ୟକାରିଣୀ ବୈଠକ

ପଟ୍ଟାମୁଣ୍ଡାଇ,୧୪।୧୨(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବ ପୁରାତନ ଶିକ୍ଷା ଅନୁଷ୍ଠାନ ମନ୍ମଥ ନାଥ ଉଚ୍ଚ ବିଦ୍ୟାଳୟ (ଏମ୍‌ଏନ୍ ହାଇସ୍କୁଲ) ପୁରାତନ ଛାତ୍ର ସଂସଦର କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ର ସଂସଦ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବହୁ ପୁରାତନ ଛାତ୍ର ତଥା ସଂସଦର କାର୍ଯ୍ୟକର୍ତ୍ତା ଯୋଗ ଦେଇ ସ୍କୁଲର ବିଭିନ୍ନ ଉନ୍ନତି ପାଇଁ ଆଲୋଚନା କରିଥିଲେ। ବୈଠକରେ ଏକ ଅଡିଟୋରିୟମ ହଲର ନିର୍ମାଣ ପାଇଁ ଅର୍ଥ ଯୋଗାଇ ଦେବାକୁ ସରକାରଙ୍କ ନିକଟକୁ ପ୍ରସ୍ତାବ ଯିବାକୁ ସ୍ଥିର କରାଗଲା। ଏଥି ପାଇଁ ସଭ୍ୟମାନଙ୍କ ପାଖରୁ ଆଦାୟ ହୋଇଥିବା ଅର୍ଥ ୧୦ ଲକ୍ଷ ୪୬ ହଜାରେ ଟଙ୍କା ମୋ ସ୍କୁଲ ଯୋଜନାରେ ଜମା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ପୁରାତନ ଶିକ୍ଷକ ସନାତନ ବେହୁରା, ଡ. କେଲୁଚରଣ ସ୍ୱାଇଁ, ଡ. ବୈଷ୍ଣବ ଚରଣ ସିଂ, ବିଶ୍ୱନାଥ ଧଳ, ପ୍ରଫେସର କୈଳାସ ଚନ୍ଦ୍ର ପାତ୍ର, ପ୍ରଫେସର ଭରତ ଚନ୍ଦ୍ର ପାତ୍ର, ନୃସିଂହ ପ୍ରସାଦ ଚୌଧୁରୀ, ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଦାଶଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ। ସେମାନେ ସ୍କୁଲର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କମିଟିର କୋଷାଧ୍ୟକ୍ଷ ଗୋପୀନାଥ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ଆଜି କେନ୍ଦ୍ରାପଡ଼ାରେ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବଣ୍ଟାହେବ

କେନ୍ଦ୍ରାପଡ଼ା ଅଫିସ, ୧୪।୧୨

ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ଯୋଜନାରେ କେନ୍ଦ୍ରାପଡ଼ା ଜିଲା ବୁଧବାର ଯୋଡି ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବାହ୍ନ୧୧ରେ ଭିଡିଓ କନଫରସିଂ ମାଧ୍ୟମରେ ବିଏସକେୱାଇକୁ କାର୍ଯ୍ୟକାରୀ କରିବେ। ଫଳରେ ଜିଲାର ୩,୦୮,୧୧୭ ପରିବାରର ୧୧,୫୬,୪୩୩ ଜଣ ଏଥିରେ ଉପକୃତ ହୋଇପାରିବେ। ଏଥିସହ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଜିଲାର ୨୧ଟି ପ୍ରକଳ୍ପର ଉଦ୍‌ଘାଟନ କରିବେ। ସେହିପରି ୩୨ଟି ଜରୁରୀ ପ୍ରକଳ୍ପର ଶିଳାନ୍ୟାସ କରିବେ। ଏଥିମଧ୍ୟରେ ବ୍ରାହ୍ମଣୀ ନଦୀର ଅଳପୁଆ ଓ ନୀଳକଣ୍ଠପୁର ଘାଟଠାରେ ଦୁଇଟି ହାଇ ଲେବୁଲ ବ୍ରିଜ ସ୍ଥାନିତ ହୋଇଛି। ସେହିପରି ରାଜ୍ୟର ସର୍ବ ପୁରାତନ ପୌରାଞ୍ଚଳର କାର୍ଯ୍ୟାଳୟ ଗୃହ ୫ କୋଟି ଟଙ୍କାରେ ନିର୍ମାଣ ହେବ ବୋଲି ସୂଚନା ମିଳିଛି। ଉଦ୍‌ଘାଟନ ହେବାକୁ ଥିବା ପ୍ରକଳ୍ପ ମଧ୍ୟରୁ କେନ୍ଦ୍ରାପଡ଼ା ବ୍ଲକ ନାଗପୁର ରୋଡର ଗୋବରୀ ନଦୀ ପୋଲ ଅନ୍ୟତମ। ରାସ୍ତା ପାଇଁ ସ୍ଥାନୀୟ ଲୋକଙ୍କୁ ପ୍ରାୟ ୪ ବର୍ଷ ଧରି ଅପେକ୍ଷା କରିବାକୁ ପଡିଛି। ସେହିପରି କେନ୍ଦ୍ରାପଡ଼ା ବ୍ଲକ ଶାମଗୁଡିଆଠାରେ ନୂତନ ଶିଶୁ ଓ ମାତୃମଙ୍ଗଳ କେନ୍ଦ୍ର ଉଦ୍‌ଘାଟନ ହେବ ବୋଲି ଜଣାପଡିଛି। ତେବେ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ନିର୍ମାଣାଧୀନ ଅଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଜଳସମ୍ପଦ ବିଭାଗ ଅଧୀନରେ ଥିବା ଲୁଣା ନଦୀ ବାମପାର୍ଶ୍ୱର ୪ କିମି ଲମ୍ବର ନଦୀ ବନ୍ଧ ଉନ୍ନତୀକରଣ ପ୍ରକଳ୍ପ ସହ ୮ଟି କୋଠା, ୩ଟି ସ୍ୱାସ୍ଥ୍ୟ ସେବା, ୭ଟି ଭିତ୍ତିଭୂମି, ଏକ ଜଳ ଯୋଗାଣ ଓ ଗୋଟିଏ ବ୍ରିଜ ପ୍ରକଳ୍ପର ଉଦ୍‌ଘାଟନ କରିବେ। ଅପରପକ୍ଷରେ ପଟ୍ଟାମୁଣ୍ଡାଇ ବ୍ଲକର ୨୦ ପଞ୍ଚାୟତବାସୀଙ୍କ ପାନୀୟ ଜଳ ଯୋଗାଣ ପାଇଁ ମେଗା ପ୍ରକଳ୍ପର ଶିଳାନ୍ୟାସ କରିବେ। ଏଥିସହ ୪ଟି ପାନୀୟ ଜଳ ପ୍ରକଳ୍ପ, ଜଳସମ୍ପଦ ବିଭାଗର ୨ଟି, ଭିତ୍ତିଭୂମି ପାଇଁ ୯ଟି, ସ୍ୱାସ୍ଥ୍ୟ ବିଭାଗର ୩ ପ୍ରକଳ୍ପ, ଗ୍ରାମ୍ୟ ଉନ୍ନୟନ ବିଭାଗର ୩ ରାସ୍ତା, ୨ ହାଇଲେବୁଲ ବ୍ରିଜ, ୯ କୋଠା ନିର୍ମାଣ ପ୍ରକଳ୍ପକୁ ଶିଳାନ୍ୟାସ କରିବେ। ଏହି ଅବସରରେ ଦୀର୍ଘଦିନ ଧରି ନିର୍ମିତ ସଂସ୍କୃତି ଭବନର ସୁପରିଚାଳନା ପାଇଁ ୯୫.୧୧ ଲକ୍ଷ ଟଙ୍କା ଅନୁଦାନ ଦେବେ ବୋଲି ସୂଚନା ମିଳିଛି। ଜିଲାସ୍ତରର ଏହି କାର୍ଯ୍ୟକ୍ରମ ସହରର ଟାଉନ ହଲଠାରେ ଅନୁଷ୍ଠିତ ହେବ।

## ଶକ୍ତି ସଂରକ୍ଷଣ ସପ୍ତାହ ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ପାରାଦୀପ,୧୪।୧୨(ସ୍ୱ.ପ୍ର.)

ଇଫକୋ ପରିସରରେ ଡିସେମ୍ବର ୮ରୁ ଚାଲିଥିବା ଶକ୍ତି ସଂରକ୍ଷଣ ସପ୍ତାହ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ କମ୍ପାନୀ ପାରାଦୀପ ମୁଖ୍ୟ କେ.ଜେ ପଟେଲ ଉପସ୍ଥିତ ରହି ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଇଫକୋର ଭୂମିକା ସଂପର୍କରେ ଆଲୋଚନା କରିଥିଲେ। ଏହି ସପ୍ତାହ ପାଳନ ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ସେ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଦିଲୀପ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ପଲିଥିନ ତଳେ ବିତୁଛି ଦିବ୍ୟାଙ୍ଗ ମହିଳାଙ୍କ ଜୀବନ

ମହାକାଳପଡ଼ା,୧୪।୧୨ (ଡି.ଏନ.ଏ.)

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବଙ୍କୁ ଆବାସ ଯୋଜନାରେ ଗୃହ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। ହେଲେ ଜଣେ ଦିବ୍ୟାଙ୍ଗ ମହିଳା ଛିଣ୍ଡା ପଲିଥିନ ତଳେ ଜୀବନ ବିତାଉଥିବାର କରୁଣ ଚିତ୍ର ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ପେଟଛେଲା ପଞ୍ଚାୟତର ଲୁଣିମାଠିଆ ଶବରପଡ଼ା ଗାଁରେ। ଗାଁର ଶୈଳ ନାୟକ(୫୨)ଙ୍କ ସ୍ୱାମୀ ଡବା ନାୟକ ୮ ବର୍ଷ ହେବ ଯକ୍ଷ୍ମା ରୋଗରେ ପୀଡ଼ିତ ହୋଇ ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ଶୈଳ ବହୁ କଷ୍ଟରେ ପରିବାର ପ୍ରତିପୋଷଣ କରୁଥିଲେ। ଭାଗ୍ୟର ବିଡମ୍ବନା ଶୈଳ ପକ୍ଷାଘାତ ରୋଗର ଶିକାର ହୋଇଗଲେ। ଆଗ ଭଳି ଆଉ କାମ ଧନ୍ଦା କରି ପାରୁନାହାନ୍ତି। ଏହି ଆଦିବାସୀ ଶବର ଜାତିର ଦିବ୍ୟାଙ୍ଗ ମହିଳା ମୁଣ୍ଡ ଗୁଞ୍ଜିବାକୁ ଅର୍ଥ ସାଜିଛି ବାଧକ। ଚାଷ ଜମି ନ ଥିବାରୁ ସରକାରୀ ଜଙ୍ଗଲ କିସମ ଜମିରେ ଖଣ୍ଡେ ଛିଣ୍ଡା ପଲିଥିନ ତଳେ ଜୀବନ ଅତିବାହିତ କରୁଛନ୍ତି। ଏହି ଶବରପଡ଼ାବାସୀଙ୍କୁ ଘର ଡିହ ପଟ୍ଟା ମିଳିନି ବୋଲି ଗ୍ରାମବାସୀ କହିଛନ୍ତି। ବାତ୍ୟା ଜୱାଦ ପ୍ରଭାବରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ତଳିଆ ଅଞ୍ଚଳ କଚ୍ଚା ଘର ଛାଡ଼ି ପକ୍କା ଘରେ ଆଶ୍ରୟ ନିଅନ୍ତୁ ବୋଲି ପ୍ରଚାର ହୋଇଥିଲା। ସେତେବେଳେ ଏହି ଦିବ୍ୟାଙ୍ଗ ମହିଳା ଛିଣ୍ଡା ପଲିଥିନ ତଳେ ପବନର ଗର୍ଜନ ଓ ଭୀଷଣ ବର୍ଷାରେ ଭଗବାନ ଭରସାରେ ଜୀବନ ଜିଇବାକୁ ପଡ଼ିଥିଲା ବୋଲି କୋହ ଭରା କଣ୍ଠରେ ବଖାଣିଛନ୍ତି। ଏହି ଦିବ୍ୟାଙ୍ଗ ମହିଳାଙ୍କ ମୁଣ୍ଡ ଗୁଞ୍ଜିବାକୁ ଛାତ ଘର ପାଇଁ ସାତସପନ ପାଲଟିଛି। ତେବେ ଦିବ୍ୟାଙ୍ଗଙ୍କୁ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।



ଦିବ୍ୟାଙ୍ଗ ଶୈଳ ନାୟକ ପଲିଥିନ ତଳେ ଜୀବନ ବିତାଉଛନ୍ତି।

## କୋଇଲା ହେରଫେର ଘଟଣା: ଆଉ ଜଣେ ଗିରଫ

### ଏବେ ସୁଦ୍ଧା ୮ ଅଭିଯୁକ୍ତ ଗିରଫ

ପାରାଦୀପ, ୧୪।୧୨(ସ୍ୱ.ପ୍ର.)

ପାରାଦୀପ ବନ୍ଦର ଭିତରେ ଗତ ଅକ୍ଟୋବର ୫ରେ ଘଟିଥିବା କୋଇଲା ହେରଫେର ଘଟଣାରେ ପାରାଦୀପ ଆଦର୍ଶଥାନା ପୋଲିସ ଆଉ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ କାଳିଆପାଟ ଗ୍ରାମର ରମାକାନ୍ତ ମହାପାତ୍ର। ତାଙ୍କ ବାପା ହେଲେ ପୂର୍ବତନ ପାରାଦୀପ ପୌରାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ତରାଇ। ରମାକାନ୍ତ ତ୍ରିଶକ୍ତି ଷ୍ଟିଭେଡର୍ସ ସଂସ୍ଥାର ମ୍ୟାନେଜର ଭାବେ କାମ କରନ୍ତି। ଏହାକୁ ମିଶାଇ ଏବେ ସୁଦ୍ଧା ପୋଲିସ ୮ ଜଣଙ୍କୁ ଗିରଫ କରିଛି। କିନ୍ତୁ ମୁଖ୍ୟ ଅଭିଯୁକ୍ତଙ୍କ ପାଖରେ ପୋଲିସ ଏପର୍ଯ୍ୟନ୍ତ ପହଞ୍ଚି ପାରିନାହିଁ। ପାରାଦୀପ ବନ୍ଦର କୋଇଲା ପ୍ଲଟରେ ଗତ ଅକ୍ଟୋବର ୫ରେ ଷ୍ଟିମକୋଲ ୨୫ଟି ଟ୍ରକ୍‌ରେ କୋଇଲା ବୋଝେଇ ହେଉଥିଲା। ଏହି ସମୟରେ ସିଆଇଏସ୍‌ଏଫ ପକ୍ଷରୁ ଯାଞ୍ଚ କରାଯାଇଥିଲା। ସେତେବେଳେ ଉକ୍ତ ଟ୍ରକରେ ଭୁଲ କାଗଜପତ୍ର ଥିବା ଜଣାପଡିଥିଲା। ଏନେଇ ଟ୍ରକଗୁଡିକୁ ଅଟକ ରଖାଯିବା ସହ ପାରାଦୀପ ଆଦର୍ଶଥାନା ପୋଲିସକୁ ସୂଚନା ଦିଆଯାଇଥିଲା। ଏହି ଘଟଣାରେ ପୋଲିସ ପକ୍ଷରୁ ମାମଲା (ନଂ.୨୧୭/୨୧) ରୁଜୁ କରାଯାଇଥିଲା। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ପରେ ତ୍ରିଶକ୍ତି ସଂସ୍ଥା ପକ୍ଷରୁ କୁଜଙ୍ଗ କୋର୍ଟରେ ଆବେଦନ କରାଯାଇଥିଲା। ଏ ନେଇ କୋର୍ଟ ପକ୍ଷରୁ ମାମଲା (ନଂ.୨୯୨/୨୧) ରୁଜୁ ହେବାପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ଅକ୍ଟୋବର ୨୦ରେ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଉକ୍ତ ୭ ଜଣ ହେଲେ କୋଇଲା ବୋଝେଇ ଖଲାସ କରୁଥିବା ଆଇଏନଏମ ସଂସ୍ଥାର କର୍ମଚାରୀ ଓ ସୁପରଭାଇଜର। ପରେ ଅକ୍ଟୋବର ୨୮ରେ ଜବତ ହୋଇଥିବା ୨୫ ଟ୍ରକକୁ ଛାଡ଼ିଦିଆଯାଇଥିଲା।

## କୁଜଙ୍ଗକୁ ପ୍ରାକୃତିକ ବିପର୍ଯ୍ୟୟ ଅଞ୍ଚଳ ଘୋଷଣା କରିବାକୁ ଦାବି

କୁଜଙ୍ଗ,୧୪।୧୨(ଡି.ଏନ୍.ଏ.)

କୁଜଙ୍ଗ ତହସିଲ ଅଞ୍ଚଳକୁ ପ୍ରାକୃତିକ ବିପର୍ଯ୍ୟୟ ଅଞ୍ଚଳ ରୂପେ ଘୋଷଣା କରିବାକୁ ଅଖିଳ ଭାରତୀୟ କୃଷକ ସଭାର କୁଜଙ୍ଗ ଶାଖା ପକ୍ଷରୁ ସୋମବାର ଦାବି କରାଯାଇଛି। ଏ ନେଇ କୃଷକ ସଭାର କୁଜଙ୍ଗ ବ୍ଲକ ସଭାପତି ଶ୍ରୀନିବାସ ଗୁଛାର ସିଂହଙ୍କ ଅଧ୍ୟକ୍ଷତାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ରଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି, ପୂର୍ବରୁ ଲଗାଣ ବର୍ଷା ଓ ବାତ୍ୟା ଜୱାଦ ପ୍ରଭାବରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ସବୁ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଏ ନେଇ ସେମାନଙ୍କ କୃଷି ଋଣ ଛାଡ, ଆଗାମୀ ରବି ଫସଲ ନିମନ୍ତେ ସହାୟତା, ପ୍ରତ୍ୟେକ ପରିବାରକୁ ମାଗଣାରେ ୧୦ କିଲୋ ଚାଉଳ, ପାରାଦୀପ ବନ୍ଦର ଓ ଶିଳ୍ପ ସଂସ୍ଥା ଦ୍ୱାରା ନଦୀ ପଥ ଅବରୋଧ ହଟାଯିବା ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସିପିଆଇର ଆଞ୍ଚଳିକ କମିଟି ସମ୍ପାଦକ ଶରତ ବେହେରା, ନାରୀ ନେତ୍ରୀ ଜିନ୍ମୟୀ ସାହାଣୀ, ଶରତ ବଳିୟାର ସିଂ, ଅଜୟ ବେହେରା, ସୁବାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଠିକ୍ ଆକଳନ କରି କ୍ଷତିପୂରଣ ଚାଷୀଙ୍କୁ ଦିଅ

ପଟ୍ଟାମୁଣ୍ଡାଇ,୧୪।୧୨ (ସ୍ୱ.ପ୍ର.)

ବାତ୍ୟା ଜୱାଦ ପ୍ରଭାବରେ ହୋଇଥିବା ବର୍ଷା ଯୋଗୁ ପଟ୍ଟାମୁଣ୍ଡାଇ-ରାଜନଗର ଅଞ୍ଚଳ ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଧାନ କ୍ଷେତରୁ ପାଣି ଖସୁ ନ ଥିବା ବେଳେ ଧାନ ଏବେ ଗଜା ହୋଇଯାଇଛି। ଠିକ୍ ଭାବେ ପ୍ରଶାସନିକ ଅଧିକାରୀମାନେ କ୍ଷୟକ୍ଷତିର ଆକଳନ କରି ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଓ ଅନ୍ୟ ସୁବିଧା, ସହାୟତା ଯୋଗାଇ ଦେବାକୁ ଆଜି ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରତିଷ୍ଠାତା ବିଜୟ କେତନ ସ୍ୱାଇଁ କହିଛନ୍ତି। ସେ କହିଛନ୍ତି, ଅଞ୍ଚଳରେ ଚାଷୀମାନେ ଧାନ ଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି। ବର୍ଷା ଯୋଗୁ ଜମିରେ ଧାନ ଏବେ ନଷ୍ଟ ହୋଇଯାଇଛି। ଜମିରେ ମାଲିକ ପରିବର୍ତ୍ତେ ପ୍ରକୃତରେ ଭାଗଚାଷୀ ଚାଷ କରୁଥିଲେ ମଧ୍ୟ ସେ ସମସ୍ତ ଯୋଜନାରେ ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଧର୍ମକୁ ଆଖିଠାର ଭଳି ଆରଆଇ, ସୁପରଭାଜର, ତହସିଲଦାର ଓ ପର୍ଯ୍ୟବେକ୍ଷକମାନେ କ୍ଷୟକ୍ଷତିର ଆକଳନ କରୁଛନ୍ତି ବିକାଶ ପରିଷଦ ଅଭିଯୋଗ କରିଛି। ପଟ୍ଟାମୁଣ୍ଡାଇ, ରାଜନଗର ବ୍ଲକ ସହ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିକୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଅଞ୍ଚଳ ଘୋଷଣା କରିବାକୁ ଦାବି କରାଯାଇଛି। ବିକାଶ ପରିଷଦ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପରିଷଦର ପ୍ରତିଷ୍ଠାତା ସ୍ୱାଇଁ ପୌରୋହିତ୍ୟ କରିଥିଲେ। ପରିଷଦର ଆବାହକ ରାମକୃଷ୍ଣ ଦାଶ, ସଂଯୋଜକ କୈଳାସ ଚନ୍ଦ୍ର ମହାନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ସଭାପତି ଦେବବ୍ରତ ସ୍ୱାଇଁ, ଉପସଭାପତି ରଞ୍ଜନ କୁମାର ରାଉତ, ସଙ୍ଗଠନ ସମ୍ପାଦକ କୈଳାସ ଚନ୍ଦ୍ର ପାତ୍ର, ନଗର ସଭାପତି ପ୍ରମୋଦ ସାହୁ, ସାଧାରଣ ସମ୍ପାଦକ ତ୍ରୈଲୋକ୍ୟନାଥ ଦାସ, ସମ୍ପାଦକ ପ୍ରଶାନ୍ତ କୁମାର ମଳିକ, ଉପସଭାପତି ପ୍ରଦୀପ କୁମାର ପରିଡା ପ୍ରମୁଖ କର୍ମକର୍ତ୍ତା ଯୋଗ ଦେଇଥିଲେ। ରାଜ୍ୟ ଓ କେନ୍ଦ୍ର ସରକାର ଏ ଅଞ୍ଚଳର ଚାଷୀମାନଙ୍କ ଯଥାର୍ଥ ଦାବିଗୁଡିକ ପୂରଣ କରିବା ଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବି କରିଥିଲେ।

## ୧୨୭ ପାନୀୟ ଜଳ ପ୍ରକଳ୍ପ ପାଇଁ ୬୪୩ କୋଟି ଖର୍ଚ୍ଚ ବରାଦ

ଜଗତ୍‌ସିଂହପୁର ଅଫିସ, ୧୪।୧୨

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଜଗତ୍‌ସିଂହପୁର ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ ଅବସରରେ ୭୯୪ କୋଟି ଟଙ୍କାରେ ୩୬୨ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ୧୪୮ଟି ପ୍ରକଳ୍ପ (ବ୍ୟୟ ବରାଦ ୫୧.୬୭ କୋଟି ଟଙ୍କା) ଉଦ୍‌ଘାଟନ କରିଥିଲେ। ସେଥିମଧ୍ୟରୁ ବିଦ୍ୟୁତ ଶକ୍ତି ଯୋଗାଣ କ୍ଷେତ୍ରରେ ୫ଟି ପ୍ରକଳ୍ପ ପାଇଁ ୩୪.୮୬ କୋଟି ଟଙ୍କା ରହିଛି। ସେହିପରି ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ଯୋଜନାରେ ୧୦୬ଟି ପ୍ରକଳ୍ପ ପାଇଁ ୫.୫୯ କୋଟି, ସାଧାରଣ ସୁବିଧା ଭିତ୍ତିଭୂମି ବିକାଶ, ଶିକ୍ଷା ବିକାଶ, ବଜାର ସୁବିଧା, ଆବାସିକ ସୁବିଧା ବିକାଶ, ରାସ୍ତା ଏବଂ ପାନୀୟ ଜଳ ଯୋଗାଣ ବାବଦରେ ୩୭ଟି ପ୍ରକଳ୍ପ ପାଇଁ ୧୧.୨୨ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ଅନୁରୂପ ଭାବେ ୨୧୪ଟି ପ୍ରକଳ୍ପ (୭୪୨.୪୫ କୋଟି ଟଙ୍କା ବ୍ୟୟ ଅଟକଳ)ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସେଗୁଡିକ ମଧ୍ୟରୁ ପାନୀୟ ଜଳ ଯୋଗାଣ, ଜଳସେଚନ ଓ ବନ୍ୟାଜଳ ନିୟନ୍ତ୍ରଣ ବାବଦରେ ୧୨୭ଟି ପ୍ରକଳ୍ପ ପାଇଁ ୬୪୨.୭୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ରାସ୍ତା ଓ ସେତୁ ବାବଦରେ ୩୧ଟି ପ୍ରକଳ୍ପ ନିମନ୍ତେ ୫୯.୮୩ କୋଟି, ଶିକ୍ଷା ଭିତ୍ତିଭୂମି ବିକାଶ ବାବଦରେ ୩ଟି ପ୍ରକଳ୍ପ ପାଇଁ ୧୮.୨୧ କୋଟି, ସାଧାରଣ ସୁବିଧା ଭିତ୍ତିଭୂମି ବିକାଶ, ବଜାର ସୁବିଧା ଓ କ୍ରୀଡା ଭିତ୍ତିଭୂମି ବିକାଶ ବାବଦରେ ୫୩ଟି ପ୍ରକଳ୍ପ ପାଇଁ ୨୧.୭୧ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି।




ଜଣେ ମହିଳାଙ୍କୁ ମନ୍ତ୍ରୀ, ଏମ୍‌ପି ଓ ବିଧାୟକ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ପଟ୍ଟାମୁଣ୍ଡାଇ,୧୪।୧୨(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ କଳ୍ପତରୁ କୁଣ୍ଡଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। ୧୯୯୫ ମସିହାଠାରୁ ୨୦୦୦ ପର୍ଯ୍ୟନ୍ତ ସରପଞ୍ଚ ଭାବେ କାର୍ଯ୍ୟ କରି ପଞ୍ଚାୟତ ବିକାଶ ପାଇଁ କୁଣ୍ଡ ଉଦ୍ୟମ କରିଥିଲେ। ତାଙ୍କ ମୃତ୍ୟୁ ଖବରପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ସଂକ୍ଷେପରେ

### ୨୬ ଫେରାର ଅଭିଯୁକ୍ତ ଗିରଫ

**ନୟାଗଡ଼ ଅଫିସ,୧୪।୧୨:** ନୟାଗଡ଼ ଜିଲା ଫତେଗଡ଼ ଥାନା ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକ ନଭେମ୍ବର ୫ରୁ ୧୫ ତାରିଖ ମଧ୍ୟରେ ୨୬ଜଣ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଏହି ଥାନା ଅଞ୍ଚଳରେ ୭୬ ଫେରାର ଅଭିଯୁକ୍ତଙ୍କୁ ଗିରଫ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଆଇଆଇସିଙ୍କ ଏପରି ପଦକ୍ଷେପକୁ ରେଞ୍ଜ ଆଇଜି ନରସିଂହ ଭୋଳ ପ୍ରଶଂସା କରିଛନ୍ତି ।

### ବ୍ରାଉନ ସୁଗାର ଜବତ, ୩ ଗିରଫ

**ଖଣ୍ଡପଡ଼ା,୧୩।୧୨(ସ୍ୱ.ପ୍ର.):** ଖଣ୍ଡପଡ଼ା ପୋଲିସ ଯୋଗିଆପଲ୍ଲୀ ଗ୍ରାମରେ ମଙ୍ଗଳବାର ଅଚାନକ ଚଢ଼ାଉ କରି ୭.୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି । ଏହି କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ ଯୋଗିଆପଲ୍ଲୀ ଗ୍ରାମର ଶ୍ରୀଧର ଦ୍ୱାରି ଓରଫ୍ ସିରିଆ(୨୮), ମନୋଜ ନାୟକ(୨୪) ଓ ଲକ୍ଷ୍ମୀଧର ରଣା(୨୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଶ୍ରୀଧରଙ୍କ ବୟାନକୁ ଭିତ୍ତି କରି ପୋଲିସ ଅନ୍ୟ ୨ଜଣ ସହଯୋଗୀଙ୍କୁ ଗିରଫ କରିଛି । ଏ ନେଇ ଥାନାରେ ଏକ ମାମଲା(ନଂ.୨୬୪/୨୧) ରୁଜୁ ହୋଇଛି ।

### ଜିଲାରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ

**ନୟାଗଡ଼ ଅଫିସ,୧୪।୧୨:** ନୟାଗଡ଼ ଜିଲାରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ଅବସରରେ ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ବ୍ରଜେନ୍ଦ୍ର ହାଇସ୍କୁଲ ପରିସରରେ କାଉନସେଲିଂ କରାଯାଇଥିଲା। ପିସିଏମ୍ ବିଭାଗ ନିମନ୍ତେ ୩୨ ଜଣ ଓ ସିବିଜେଡ ନିମନ୍ତେ ୩୯ ଜଣ ଓ କଳା ବିଭାଗ ନିମନ୍ତେ ୮୭ ଜଣ ନିଯୁକ୍ତି ପାଇଁ ଚୟନ ହୋଇଛନ୍ତି । ଖାଲି ପଡିଥିବା ପଦବୀ ଅନୁସାରେ କିଏ କେଉଁ ସ୍କୁଲ ପାଇଁ ଆଗ୍ରହୀ ସେଥିଲାଗି ଚୟସ ଫିଲିଂ କରିଛନ୍ତି । ମଙ୍ଗଳବାର ବିଏସ୍‌ସି ଓ ବିଏ ବିଇଡି ପ୍ରାର୍ଥୀ ଚୟନ ପ୍ରକ୍ରିୟାରେ ଭାଗ ନେଇଥିଲେ । ବୁଧବାର ସଂସ୍କୃତ, ହିନ୍ଦୀ, ଖେଳ ଶିକ୍ଷକଙ୍କ ପାଇଁ କାଉନସେଲିଂ ହେବ । ୧୫ ତାରିଖରେ ଏମାନେ ନିଯୁକ୍ତି ପାଇବାର ରହିଛି । ମଙ୍ଗଳବାର ସ୍ୱୀକାରପତ୍ର ପ୍ରଦାନ କରାଯାଇଛି।

### ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧନା

**ଖଣ୍ଡପଡ଼ା,୧୩।୧୨(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ଗ୍ରାମର ସାମାଜିକ କର୍ମୀ ଅଖିଳ କୁମାର ମହାରଣାଙ୍କୁ ବିଶ୍ୱ ମାନବାଧିକାର ସୁରକ୍ଷା ସଙ୍ଗଠନ ପକ୍ଷରୁ ସମ୍ମାନଜନକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି । ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ପରିସରରେ ରବିବାର ଆୟୋଜିତ କାର୍ଯ୍ୟକ୍ରମରେ ମହାରଣା ଅତିଥିମାନଙ୍କଠାରୁ ଉପଢୌକନ, ମାନପତ୍ର ଓ ଉପାଧି ଗ୍ରହଣ କରିଥିଲେ । ଡ. ଅଭିନ୍ନ ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନେପାଳ ରାଷ୍ଟ୍ରଦୂତ ଆନନ୍ଦ ପ୍ରସାଦ ଶର୍ମା, ଭିଏତନାମର ରାଷ୍ଟ୍ରଦୂତ ଫାମେନ ରାଓ, ଜଷ୍ଟିସ ମନୋରଞ୍ଜନ ମହାନ୍ତି, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ପ୍ରମୁଖ ଯୋଗ ଦେଇଥିଲେ ।

### ନୀଳମାଧବ ପୀଠରେ ଗୀତା ଜୟନ୍ତୀ

**ଖଣ୍ଡପଡ଼ା,୧୩।୧୨(ସ୍ୱ.ପ୍ର.):** ମଙ୍ଗଳବାର ମାର୍ଗଶୀର ଏକାଦଶୀ ତିଥିରେ କଣ୍ଟିଲୋ ନୀଳମାଧବ ପୀଠ ଭୋଗ ମଣ୍ଡପରେ ପୂଜକ ସମାଜ ପକ୍ଷରୁ ଗୀତା ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଶ୍ରୀ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ଭୋଗମଣ୍ଡପକୁ ବିଜେ କରାଯାଇଥିଲା। ବିଶ୍ୱ କଲ୍ୟାଣ ନିମନ୍ତେ ଗୀତାଯଜ୍ଞ ଓ ଘୃତଯଜ୍ଞ କରାଯାଇ ଅପରାହ୍ନ ପ୍ରାୟ ସାଢେ ୪ଟାରେ ପୂର୍ଣ୍ଣାହୁତି ସମ୍ପନ୍ନ କରାଯାଇଥିଲା। ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

### ସଂସ୍କୃତ ବିଭାଗ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

**ଖଣ୍ଡପଡ଼ା,୧୩।୧୨(ସ୍ୱ.ପ୍ର.):** କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ସଂସ୍କୃତ ବିଭାଗ ପକ୍ଷରୁ ଚଳିତ ବର୍ଷ ଯୁକ୍ତ ୩ ପ୍ରଥମ ବାର୍ଷିକ କଳା ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ମା' ନାରାୟଣୀଙ୍କ ପୀଠରେ ମଙ୍ଗଳବାର ପୁରାତନ ଛାତ୍ରୀଛାତ୍ରମାନେ ସ୍ୱାଗତ କରିଛନ୍ତି । ଅଧାପିକା ମାନସୀ ଦ୍ୱାରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମହାବିଦ୍ୟାଳୟ ଅଧକ୍ଷ ଡ. ଅଶୋକ କୁମାର ପାତ୍ର, ଅଧାପକ ରମେଶ ଚନ୍ଦ୍ର ସାହୁ, ଦୀନବନ୍ଧୁ ନାୟକ ପ୍ରମୁଖ ଯୋଗ ଦେଇ ଗୁରୁଜନମାନଙ୍କୁ ସମ୍ମାନ ତଥା ଭକ୍ତି କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ଅଧାପିକ ମାନସ ରଞ୍ଜନ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ । ଓମ୍ ପ୍ରକାଶ ମହାରଣା ସ୍ୱାଗତ ଗୀତ ଗାନ କରିଥିଲେ ।

# ୩ ବ୍ଲକ୍‌ରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ ଆରମ୍ଭ

**ନୂଆଗାଁ/ଦଶପଲ୍ଲା/ଗଣିଆ, ୧୪।୧୨(ଡି.ଏନ୍.ଏ.)**

ନୟାଗଡ଼ ଜିଲା ନୂଆଗାଁ, ଦଶପଲ୍ଲା ଓ ଗଣିଆ ବ୍ଲକରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ ହୋଇଛି । ନୂଆଗାଁ କଲେଜ ନିକଟସ୍ଥ ପଡ଼ିଆରେ ମଙ୍ଗଳବାର ଆୟୋଜିତ କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେବେ ଖାଲି କଥା କୁହନ୍ତି ନାହିଁ। ସବୁବେଳେ କାମ୍ କି ବାତ୍ କରନ୍ତି ବୋଲି କହିଥିଲେ । ନୂଆଗାଁ ବ୍ଲକର ପ୍ରାୟ ୨୩ ହଜାର ହିତାଧିକାରୀଙ୍କୁ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ଯୋଗାଇ ଦେବା ବ୍ୟବସ୍ଥା କରାଯାଇଛି । ବୁଧବାରଠାରୁ ପ୍ରତି ପଞ୍ଚାୟତରେ କାର୍ଡ ବଣ୍ଟନ କରାଯିବ ବୋଲି ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ନୂଆଗାଁ ତହସିଲଦାର ପ୍ରଜ୍ଞାନନ୍ଦ ଶତପଥୀ, ଜିଲା ପରିଷଦ ସଭ୍ୟ ନସିର ଅହମ୍ମଦ, ବ୍ଲକ ଅଧ୍ୟକ୍ଷ



ଦଶପଲ୍ଲାରେ ଅତିଥିମାନେ ସ୍ମାର୍ଟକାର୍ଡ ବଣ୍ଟନର ଶୁଭାରମ୍ଭ କରୁଛନ୍ତି ।

ଅନ୍ତର୍ଯ୍ୟାମୀ ସ୍ୱାଇଁ , ଉପାଧ୍ୟକ୍ଷ ପୁଷ୍ପାଞ୍ଜଳି ସାହୁ , ସମିତି ସଭ୍ୟ ରମେଶ କୁମାର ପ୍ରଧାନ , ଏମ୍‌ପିଙ୍କ ପ୍ରତିନିଧି ବିଜୟ କୁମାର ଶାସମଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ନୂଆଗାଁ ବିପିଏମ୍ ସସ୍ମିତା ପରିଡ଼ା ସଭା ପରିଚାଳନା କରିଥିଲେ ।

ଦଶପଲ୍ଲାର ଗାନ୍ଧୀ ମଇଦାନରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଶୁଭାରମ୍ଭ କରାଯାଇଛି । ଏହି ଉପଲକ୍ଷେ ଦଶପଲ୍ଲାରେ ଅନୁଷ୍ଠିତ ସଭାକୁ ଦଶପଲ୍ଲା ବିଧାୟକ ବେହେରା ଉଦ୍‌ଘାଟନ କରିବା ପରେ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରିଥିଲେ । ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦେବବ୍ରତ କର,ବ୍ଲକ ଅଧକ୍ଷା ସୁନନ୍ଦା ସାହୁ,ଉପାଧକ୍ଷ ବସନ୍ତ ସାହୁ, ପୂର୍ବତନ

#### ମୁଖ୍ୟମନ୍ତ୍ରୀ କାମ୍ କି ବାତ୍ କରନ୍ତି:ବିଧାୟକ

ଏନ୍‌ଏସି ଅଧ୍ୟକ୍ଷା ବବିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଗଣିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଗଣିଆ ପଞ୍ଚାୟତର ୨୯୭ଜଣ ହିତାଧିକାରୀଙ୍କୁ ହେଲ୍‌ଥ ସ୍ମାର୍ଟ କାର୍ଡ ବଣ୍ଟନ କରାଯାଇଛି । ଦଶପଲ୍ଲା ବିଧାୟକ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ହିତାଧିକାରୀମାନଙ୍କୁ କାର୍ଡ ବଣ୍ଟନ କରିଥିଲେ । ବିଡିଓ ସିରିଆଲ ଶୁଭ୍ର ପଟେଲଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା, ଏମ୍‌ପିଙ୍କ ଜିଲା ପ୍ରତିନିଧି ସଦାଶିବ ମିଶ୍ର ଓ ସରପଞ୍ଚ ସଂଘର ସଭାପତି ପ୍ରଫୁଲ୍ଲ କୁମାର ବେହେରାଙ୍କ ସମେତ ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

### ୧୫ରୁ ବାଘ, ୨୦ରୁ ତୃଣଭୋଜି ପ୍ରାଣୀ ଗଣନା

**ଗଣିଆ,୧୪।୧୨(ଡି.ଏନ.ଏ.)**

ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ, ନୟାଗଡ଼ ଅଧୀନ ସମସ୍ତ ବନାଞ୍ଚଳରେ ଆସନ୍ତା୧୫ ତାରିଖରୁ ବାଘ ଆକଳନ କାର୍ଯ୍ୟକ୍ରମ କରାଯିବ । ଏ ନେଇ ଏନ୍‌ଟିସିଏ ବିଭାଗ ତରଫରୁ ନିର୍ଦ୍ଦେଶାନାମା ପ୍ରକାଶ ପାଇବା ପରେ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ସମସ୍ତ ବନକର୍ମଚାରୀଙ୍କୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ବିଶେଷକରି ବନ କର୍ମଚାରୀମାନେ ବାଘ ଆକଳନ ସମୟରେ ବାଘ ଦେଖିବା କିମ୍ବା ବାଘ ମଳ, ରାମ୍ପୁଡା ଓ ପାଦଚିହ୍ନ ଦେଖି ଗଣନା କରିବେ । ୧୫ରୁ ୧୭ତାରିଖ ଯାଏ ବାଘ ଆକଳନ ହେବ । ଆସନ୍ତା ୨୦ରୁ ୨୩ତାରିଖ ପର୍ଯ୍ୟନ୍ତ ତୃଣଭୋଜି ପ୍ରାଣୀମାନଙ୍କ ଗଣନା ଚାଲୁ ରହିବ ବୋଲି ଛାମୁଣ୍ଡିଆ ବନ୍ୟପ୍ରାଣୀ କାର୍ଯ୍ୟାଳୟ ତରଫରୁ ସୂଚନା ମିଳିଛି । ଏହି କାର୍ଯ୍ୟକ୍ରମରେ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳର ୧୧ଟି ବିଟ୍ ଅଞ୍ଚଳରେ ୯ଜଣ ବନ କର୍ମଚାରୀଙ୍କ ସମେତ ଅସ୍ଥାୟୀ ବନକର୍ମଚାରୀମାନେ ନିୟୋଜିତ ରହିବେ । ସେହିପରି ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡର କୁଶଙ୍ଗ, ବାଣିଗୋଛା ପୂର୍ବ ଓ ପଶ୍ଚିମ ବନ୍ୟପ୍ରାଣୀ ବନାଞ୍ଚଳରେ ମଧ୍ୟ ବନକର୍ମଚାରୀମାନେ ଏହି ଗଣନା କାର୍ଯ୍ୟ କରିବେ ।

## ଜିଲା ଲିଗାଲ ସର୍ଭିସ ଅଥରିଟିଙ୍କ ମତାମତ ଲୋଡିଲା ପୋଲିସ

**ନୟାଗଡ଼ ଅଫିସ,୧୪।୧୨**

#### ମା'କୋଳରୁ ଶିଶୁପୁତ୍ର ଛଡାଇ ନେବା ଘଟଣା

ନୟାଗଡ଼ ଜିଲା ଫତେଗଡ଼ ଥାନା ଫତେଗଡ଼ ଗାଁରେ ୮ମାସର ଶିଶୁପୁତ୍ରକୁ ଛଡାଇ ନେଇ ମା'ଙ୍କୁ ଶ୍ୱଶୁର ଘରୁ ବିଦା କରିବା ଘଟଣା ଧିରେ ଧିରେ ବିବାଦୀୟ ହେବାରେ ଲାଗିଛି । ପୋଷ୍ୟ ପୁତ୍ର ଦଲିଲରେ ସତ୍ୟତା ଅଛି ନାହିଁ ଓ ପୋଷ୍ୟପୁତ୍ର କରିବାରେ ସହମତି ନ ଥିଲେ କେଉଁ ପ୍ରକାରର ପଦକ୍ଷେପ ନିଆଯାଇ ପାରିବ ସେ ନେଇ ଜିଲା ଲିଗାଲ ସର୍ଭିସ ସମ୍ପାଦକ ଓ ଖଣ୍ଡପଡ଼ା ସବ୍‌ରେଜିଷ୍ଟ୍ରାରଙ୍କ ମତାମତ ଲୋଡିଛି ଫତେଗଡ଼ ଥାନା ପୋଲିସ । ଏନେଇ ସମ୍ପୃକ୍ତ ମହିଳା କାଜଲ ପ୍ରଧାନ(୨୦) କୁହନ୍ତି, ଗତ ୮ ତାରିଖରୁ ଥାନାରେ ମାମଲା ହେଲାଣି । ହେଲେ ଏଯାବତ କ'ଣ ପଦକ୍ଷେପ ନିଆ ଯାଇଛି ମୁଁ ଜାଣି ପାରୁନି । ତଥାପି ଥାନା ଉପରେ ମୋ ଭରସା ଅଛି । ପୋଲିସଠାରୁ ନ୍ୟାୟ ପାଇବି ବୋଲି ଆଶା ରଖିଛି । ଫତେଗନ ଥାନା ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକ କୁହନ୍ତି, ଜିଲା ଲିଗାଲ ସର୍ଭିସ ସମ୍ପାଦକ ଓ ଖଣ୍ଡପଡ଼ା ସବ୍‌ରେଜିଷ୍ଟ୍ରାରଙ୍କ ମତାମତକୁ ଅପେକ୍ଷା କରାଯାଇଛି। ଅଭିଯୋଗ ଅନୁଯାୟୀ,୨୦୨୧ ଫେବୃୟାରୀ ୨୦ରେ କିଶୋର ପ୍ରଧାନଙ୍କ ମୃତ୍ୟୁ ହୋଇଥିଲା । ସ୍ୱାମୀଙ୍କ ମୃତ୍ୟୁ ପରେ ଦୁଇ ଦେଢ଼ଶୁର ସେହିମାସ ୨୧ ତାରିଖରେ କାଜଲଙ୍କ ୮ମାସର ଶିଶୁପୁତ୍ରକୁ ରଖି ତାଙ୍କୁ ନିର୍ଯାତନା ଦେଇ ଘରୁ ବିଦା କରିଦେଲେ । ତା'ପରଦିନ ଅର୍ଥାତ୍ ଫେବୃୟାରୀ ୨୨ରେ ଗାଁରେ କଙ୍ଗାରୁ କୋର୍ଟ ବସି କାଜଲଙ୍କୁ ଜୀବନରେ ମାରି ଦେବାର ଧମକ ଦିଆଯାଇଥିଲା। ଏପରିକି କୋର୍ଟ ପେପରରେ ଜୋର ଜବରଦସ୍ତ ଦସ୍ତଖତ ନେଇ ୬ ଲକ୍ଷ ଟଙ୍କା ଦେଇ ଶାଶୁ ଘରକୁ ଆଉ ଆସି ପାରିବନି ବୋଲି କହି ବିଦା କରିଦିଆଯାଇଥିଲା ।

## ଦମ୍ପତିଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

**ଓଡ଼ଗାଁ,୧୪।୧୨(ସ୍ୱ.ପ୍ର.)**

#### ମରଣାନ୍ତକ ଆକ୍ରମଣ ମାମଲା
■ ୧୦ ହଜାର ଟଙ୍କା ଜୋରିମାନା ପାଇଁ ନିର୍ଦ୍ଦେଶ

ସମ୍ପର୍କୀୟ ଭାଇ ଓ ତାଙ୍କ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ମାମଲାର ରାୟ ପ୍ରକାଶ ପାଇଛି । ଓଡ଼ଗାଁ ସହକାରୀ ଦୌରାଜଜ ଦୋଷୀ ସାବ୍ୟସ୍ତ ହୋଇଥିବା ଦମ୍ପତିଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୦ହଜାର ଟଙ୍କା ଲେଖାଏ ଜୋରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୧୨।୧୦।୨୦୧୫ରେ ଓଡ଼ଗାଁ ଆଦର୍ଶ ଥାନା ଅଧୀନ ସୁନାମୁହିଁ ଗ୍ରାମର ସୁର ପରିଡ଼ା ଓ ତାଙ୍କ ସ୍ତ୍ରୀ ସୀତା ମିଳିତ ଭାବେ ନିଜ ପଡୋଶୀ ତଥା ସମ୍ପର୍କୀୟ ଭାଇ ଚୈତନ୍ୟ ପରିଡା(୪୮) ଓ ତାଙ୍କ ସ୍ତ୍ରୀ ସୁଷମାଙ୍କୁ ଅତର୍କିତ ଭାବେ ଟାଙ୍ଗିଆ ଓ ଫାର୍ସାରେ ମରଣାନ୍ତକ ଆକ୍ରମଣ କରିଥିଲେ । ଏଥିରେ ସୁର ଓ ସୁଷମା ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ଏନେଇ ପୋଲିସ ଏକ ମାମଲା(ନଂ.୧୩୩/୧୫) ରୁଜୁ କରି ଆକ୍ରମଣକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏନେଇ ସେସନ୍ସ କୋର୍ଟ କେଶ ନମ୍ବର ୨୦/୪୯/୧୨୭ ଅଫ୍ ୨୦୨୧/୧୬ ଅନୁସାରେ ମଙ୍ଗଳବାର ସ୍ଥାନୀୟ ସହକାରୀ ଦୌରାଜଜ୍‌ଙ୍କ ଅଦାଲତରେ ମାମଲାର ବିଚାର କରାଯାଇଥିଲା । ୭ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣ ଅନୁସାରେ ବିଚାରପତି ଶିବାଶିଷ ଗିରି ଦୁଇ ଦଫାରେ ଦମ୍ପତିଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହିତ ୧୦ ହଜାର ଟଙ୍କା ଲେଖା ଆର୍ଥିକ ଦଣ୍ଡାଦେଶ ଶୁଣାଇଛନ୍ତି । ଜରିମାନା ଅନାଦେୟ ଅତିରିକ୍ତ ଏକ ବର୍ଷ ଲେଖା ଦଣ୍ଡାଦେଶ ପ୍ରଦାନ କରିଥିବା ମାମଲାକୁ ପରିଚାଳନା କରୁଥିବା ବରିଷ୍ଠ ସରକାରୀ ଓକିଲ ସୁରେନ୍ଦ୍ର କୁମାର ସେନାପତି ସୂଚନା ଦେଇଛନ୍ତି ।

### କେନ୍ଦ୍ରୀୟ ଟିମ୍ ନୟାଗଡ଼ ନ ଆସିବାରୁ କ୍ଷୋଭ

**ନୟାଗଡ଼ ଅଫିସ,୧୪।୧୨**

ପୂର୍ବରୁ ଅଦିନିଆ ବର୍ଷା ଓ ଗତ ୫ ଓ ୬ ତାରିଖରେ ଜୱାଦ ପ୍ରଭାବରେ ନୟାଗଡ଼ ସମେତ ରାଜ୍ୟର ୧୨ଟି ଜିଲାରେ ଫସଲ କ୍ଷୟକ୍ଷତି ହୋଇଛି । କ୍ଷତି ଆକଳନ କରିବାକୁ କେନ୍ଦ୍ର ଯୁଗ୍ମ ସଚିବ ସୌରଭ ରାୟଙ୍କ ନେତୃତ୍ୱରେ ଏକ ୬ଜଣିଆ ଅନୁଧ୍ୟାନକାରୀ ପ୍ରତିନିଧି ଦଳ ଓଡ଼ିଶା ପରିଦର୍ଶନରେ ଆସିଥିଲେ । ମାତ୍ର ନୟାଗଡ଼ ଜିଲାରେ ହୋଇଥିବା କ୍ଷୟକ୍ଷତି କଥା ସେମାନଙ୍କ ଦୃଷ୍ଟିକୁ ନିଆଗଲା ନାହିଁ। ଫଳରେ ସେମାନେ ନୟାଗଡ଼ ପରିଦର୍ଶନରେ ନ ଆସି ଫେରିଯାଇଛନ୍ତି । ଏହା ଏକ ଦୁର୍ଭାଗ୍ୟଜନକ ମନୋଭାବ ବୋଲି ଭାଜପା ନେତ୍ରୀ ଇରାନୀ ରାୟ କହିଛନ୍ତି । ସ୍ଥାନୀୟ ଚାଷୀମାନଙ୍କ ସମସ୍ୟାକୁ ଗୌଣ କରାଯାଇଛି । ଚାଷୀଙ୍କ କ୍ଷତି ସଂକ୍ରାନ୍ତୀୟ ରିପୋର୍ଟ କେନ୍ଦ୍ରୀୟ ଟିମ୍ ବଦଳରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ କୃଷିମନ୍ତ୍ରୀ ଅଧିକ ବ୍ୟସ୍ତ ରହୁଥିବାର ଦେଖିବାକୁ ମିଳୁଛି । ଆଗାମୀ ନିର୍ବାଚନରେ କୃଷକମାନେ ଏହାର ଉଚିତ୍ ଜବାବ ଦେବେ ବୋଲି ସେ କହିଛନ୍ତି ।



ମଙ୍ଗଳବାର ନୟାଗଡ଼ଠାରେ ସ୍ମାର୍ଟ ହେଲ୍‌ଥ କାର୍ଡ ସଚେତନତା ରଥକୁ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ପତାକା ହଲାଇ ଶୁଭାରମ୍ଭ କରୁଛନ୍ତି।

## କଡ଼ା ସୁରକ୍ଷା ବ୍ୟବସ୍ଥାରେ ଅଙ୍ଗନୱାଡ଼ି ସହାୟିକା ଚୟନ

**ଖଣ୍ଡପଡା,୧୩।୧୨(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅଧୀନ ସିଧାମୂଳା ପଞ୍ଚାୟତର ଅଙ୍ଗନୱାଡ଼ି କେନ୍ଦ୍ର ନଂ-୨ର ସହାୟିକା ପଦବୀ ଗତ ୨ବର୍ଷ ହେବ ଖାଲି ପଡିଥିଲା । ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ମଙ୍ଗଳବାର କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଭୋଟ ଗ୍ରହଣ କରାଯାଇ ସହାୟିକା ପଦବୀ ନିମନ୍ତେ ଯୋଗ୍ୟ ପ୍ରାର୍ଥିନୀଙ୍କୁ ଚୟନ କରାଯାଇଛି । ଉକ୍ତ ପଦବୀ ନିମନ୍ତେ ସ୍ଥାନୀୟ ଅଞ୍ଚଳର ୫ ଜଣ ମହିଳା ଆବେଦନ କରିଥିଲେ । ଖଣ୍ଡପଡ଼ା ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସତ୍ୟଭାମା ଦେବୀ, ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ଓ ପୋଲିସ ଉପସ୍ଥିତିରେ ୨ନଂ. ଅଙ୍ଗନୱାଡ଼ି କେନ୍ଦ୍ର ପରିସରରେ ଭୋଟ ଗ୍ରହଣ କରାଯାଇଥିଲା । ସହାୟିକା ପଦବୀ ନିମନ୍ତେ ଆବେଦନ କରିଥିବା ଦିପ୍ତୀରାଣୀ ପୃଷ୍ଟି ସର୍ବାଧିକ ୯୪ ଖଣ୍ଡ ଭୋଟ ପାଇଥିବା ବେଳେ ସଙ୍ଗୀତା ରାଉତ ମାତ୍ର ୭୭ ଖଣ୍ଡ ଭୋଟ ପାଇଥିଲେ । ମହିଳାମାନଙ୍କ ମତକୁ ଆଧାର କରି ଦିପ୍ତୀରାଣୀଙ୍କୁ ନୂତନ ସହାୟିକା ଭାବେ ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ନିଯୁକ୍ତି ଦିଆଗଲା ବୋଲି ସିଡିପିଓ ଘୋଷଣା କରିଥିଲେ । ସୂଚନାଯୋଗ୍ୟ, ଭୋଟ ଗ୍ରହଣ ପ୍ରକ୍ରିୟା ବେଳେ ଅଙ୍ଗନୱାଡ଼ି କେନ୍ଦ୍ର ବାହାରେ କିଛି ସମୟ ପାଇଁ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା ।

### ଲାବୋରୋଟାରୀ ଆସିଷ୍ଟାଣ୍ଟ କରୋନା ପଜିଟିଭ୍

କଲେଜ ସାନିଟାଇଜ୍ ପାଇଁ ଛାତ୍ର ଆନ୍ଦୋଳନ

**ନୟାଗଡ଼ ଅଫିସ,୧୪।୧୨**

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଜଣେ ଲାବୋରୋଟାରୀ ଆସିଷ୍ଟାଣ୍ଟ କରୋନା ପଜିଟିଭ ହେବା ପରେ ଭୟ ବଢ଼ିଛି । ଏ କଥା ଜଣାପଡିବା ପରେ କଲେଜକୁ ସାନିଟାଇଜ୍ କରିବାକୁ ଦାବି କରି ଛାତ୍ର ଆନ୍ଦୋଳନ ହୋଇଥିଲା । ଛାତ୍ରଙ୍କ ଦାବିକୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ମାନିନେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଏନେଇ ମହାବିଦ୍ୟାଳୟର ଅଧକ୍ଷ ସୁରେଶ ପ୍ରଧାନ କୁହନ୍ତି, ଲାବୋରୋଟାରୀ ଆସିଷ୍ଟାଣ୍ଟ କରୋନା ପଜିଟିଭ ଚିହ୍ନଟ ପରେ କେବଳ ଫିଜିକ୍ସ ବିଭାଗ ସାନିଟାଇଜ୍ ହୋଇଥିଲା । ଛାତ୍ରଙ୍କ ଆନ୍ଦୋଳନ ପରେ ମଙ୍ଗଳବାରଠାରୁ ସାନିଟାଇଜ୍ ଆରମ୍ଭ ହୋଇଛି । ବୁଧବାର ସାନିଟାଇଜ୍ ପାଇଁ ମହାବିଦ୍ୟାଳୟକୁ ଛୁଟି କରାଯାଇଛି । ଅନ୍ୟପକ୍ଷେ ଲାବୋରୋଟାରୀ ଆସିଷ୍ଟାଣ୍ଟଙ୍କ ରିପୋର୍ଟ ନୋଗେଟିଭ୍ ଆସିଛି । ତଥାପି ସେ ଚିକିତ୍ସାଧୀନ ଅଛନ୍ତି ।

## କାଇପଦରକୁ ହରାଇଲା ମଞ୍ଚେଶ୍ୱର କ୍ଲବ

**ନୟାଗଡ଼ ଅଫିସ,୧୪।୧୨**

#### ରାଜ୍ୟସ୍ତରୀୟ ଫତେଗଡ଼ କ୍ରିକେଟ ଟୁର୍ନାମେଣ୍ଟ

ନୟାଗଡ଼ ଜିଲା ଭାପୁର ବ୍ଲକର ଫତେଗଡ଼ ଯୁବକ ସଂଘ ପକ୍ଷରୁ ସ୍ଥାନୀୟ ଫତେଗଡ଼ ନାଲିସାଗର ଖେଳପଡ଼ିଆରେ ରାଜ୍ୟସ୍ତରୀୟ ୧୨ତମ ସଦାଶିବ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଚାଲୁ ରହିଛି । ଏହାର ତୃତୀୟ ଦିବସ ଲିଗ୍ ମ୍ୟାଚରେ ମଞ୍ଚେଶ୍ୱର କ୍ରିକେଟ କ୍ଲବ ଭୁବନେଶ୍ୱର ୧୦୪ ରନରେ ସତ୍ୟପୀର ସ୍ପୋର୍ଟିଂ କାଇପଦରକୁ ପରାସ୍ତ କରି ବିଜୟୀ ହୋଇଛି । ଟସ୍ ଜିତି ମଞ୍ଚେଶ୍ୱର କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୪.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୮୯ ରନ କରିଥିଲେ । ଏହାର ଜବାବ୍‌ରେ ସତ୍ୟପୀର ସ୍ପୋର୍ଟିଂ କାଇପଦର୧୭.୩ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୮୫ ରନ କରି ପରାସ୍ତ ହୋଇଥିଲେ । ବିଜୟୀ ଦଳ ମଞ୍ଚେଶ୍ୱର କ୍ରିକେଟ କ୍ଲବର ରବୀନ୍ଦ୍ର ନାୟକ ୩ ଓଭରରେ ୪ ଉଇକେଟ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ । ଖେଳ ପରିଚାଳନା ଦ୍ୱିଜେନ୍ଦ୍ର ଘୋଷ ଓ ଦୁର୍ଗାପ୍ରସାଦ ପଟ୍ଟନାୟକ କରିଥିଲେ । ଧାରା ବିବରଣୀ ସରୋଜ ମହାପାତ୍ର ଓ ସ୍କୋରର ଭାବେ ପବିତ୍ର ସାହୁ ନିୟୋଜିତ ଥିଲେ । ମୁଖ୍ୟଅତିଥି ରୂପେ ପୂର୍ବତନ ସରପଞ୍ଚ ନାରାୟଣ ତ୍ରିପାଠୀ, ସମ୍ମାନିତ ଅତିଥି ରୂପେ ପୂର୍ବତନ ସରପଞ୍ଚ ଅପର୍ତ୍ତି ପ୍ରଧାନ, ଭାପୁର ବ୍ଲକ ବିଜେଡି ଛାତ୍ର ସଭାପତି ବାଳଗୋପାଳ ଷଡଙ୍ଗୀ, ୧୯ ନଂ ଜିଲା ପରିଷଦ ଜୋନର ପ୍ରତିନିଧି ମନୋଜ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ବୁଧବାରର ଖେଳ ବ୍ଲ ରକ ଷ୍ଟାର କ୍ରିକେଟ ଟିମ୍ ଜାଆଁଳା ବନାମ ପତିତପାବନ ୟୁଥ୍ କ୍ଲବ ଅତ୍ରି ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଫତେଗଡ ଯୁବକ ସଂଘର କର୍ମକର୍ତ୍ତା ସମ୍ବିତ୍ ମହାନ୍ତି ସୂଚନା ଦେଇଛନ୍ତି ।

## ଧନୁ ପୂଜା ମହୋତ୍ସବ ପାଇଁ ପାଇକ ଯାତ୍ରା

**ଖଣ୍ଡପଡ଼ା,୧୩।୧୨(ସ୍ୱ.ପ୍ର.)**

ଭାପୁର ବ୍ଲକ ଧାନଚେଙ୍ଗଡ଼ା ପଞ୍ଚାୟତ କାଳିଆପଲ୍ଲୀ ଗ୍ରାମରେ ମଙ୍ଗଳବାରଠାରୁ ଧନୁପୂଜା ମହୋତ୍ସବ ଆରମ୍ଭ ହୋଇଛି । ଏହା ୩ ଦିନ ଧରି ଚାଲିବ । ମଙ୍ଗଳବାର ଅଧିବାସ ଉପଲକ୍ଷେ ଏକ ପାଇକ ଯାତ୍ରା ଓ କଳସ ଯାତ୍ରା ଅନୁଷ୍ଠିତ ହୋଇଛି । ଗ୍ରାମର ମହିଳା ଓ ପୁରୁଷମାନେ ମହାନଦୀ ଘାଟରୁ କଳସରେ ପାଣି ଆଣି ପାଇକ ନୃତ୍ୟ ସହ ଶବର ଶବରୁଣୀ ନୃତ୍ୟର ତାଳେ ତାଳେ କଣ୍ଟିଲୋ ଗ୍ରାମ ପରିକ୍ରମା କରିଥିଲେ । ଏହି ଅବସରରେ ପାଇକ ଖେଳ ତଥା ବିଭିନ୍ନ ରଣ କୌଶଳ ପ୍ରଦର୍ଶନ କରାଯାଇଥିଲା ।

### ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ

**ଖଣ୍ଡପଡା,୧୩।୧୨(ସ୍ୱ.ପ୍ର)**

ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ ପରିସରରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ ମଙ୍ଗଳବାର ଆରମ୍ଭ ହୋଇଛି । ଓଡିଶା ରାଜ୍ୟ କାଜୁ ନିଗମ ଅଧକ୍ଷ ଅମରେନ୍ଦ୍ର ଦାସ ମୁଖ୍ୟଅତିଥି ଓ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ । ବିଡିଓ ଅରୁଣିମା ସାହୁ, ତହସିଲଦାର ପାର୍ଥ ସାରଥୀ ହାସଁଦା, ଖଣ୍ଡପଡା ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର ଓ ବ୍ଲକ ପ୍ରଶାନର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ହିତାଧିକାରୀମାନଙ୍କୁ ବିଧାୟକ ସ୍ମାର୍ଟ କାର୍ଡ ବଣ୍ଟନ କରିଥିଲେ । ସେହିପରି ଶିଖରପୁର, ଯୋଗିଆପଲ୍ଲୀ ଓ ଶାଳଝରିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବିଧାୟକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟକାର୍ଡ ବଣ୍ଟନର ଶୁଭାରମ୍ଭ କରିଥିଲେ । ଶିଖରପୁର ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ନବ କିଶୋର ସାହୁ ସଂଯୋଜନା କରିଥିଲେ ।

# ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରିଲା କଂଗ୍ରେସ

**ନୟାଗଡ଼ ଅଫିସ,୧୪।୧୨**

ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନ କ୍ରମେ ଜିଲା କଂଗ୍ରେସ ପକ୍ଷରୁ ପୋଲିସ ମୁଖ୍ୟାଳୟକୁ ମଙ୍ଗଳବାର ପୂର୍ବାହ୍ନ ୧୧ଟାରୁ ଚାରିଘଣ୍ଟା ଧରି ଘେରାଉ କରାଯାଇଥିଲା । ଜିଲା କଂଗ୍ରେସ ସଭାପତି ଆଇନଜୀବୀ ରଣଜିତ୍ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଓଡିଶା ପୋଲିସ ଶାଳୀନତା ଓ କର୍ତ୍ତବ୍ୟବୋଧର ସବୁ ସୀମା ଉଲ୍ଲଂଘନ କରି ବୋଲକରା ସାଜିଥିବାରୁ ବକ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ । ଅନ୍ୟପକ୍ଷେ ପୋଲିସ କମିଶନରଙ୍କ ନିଲମ୍ବନ ଦାବି ସହ କଂଗ୍ରେସ କର୍ମୀମାନଙ୍କୁ ମାରପିଟ





ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କର୍ମୀମାନେ ଧାରଣା ଦେଇଛନ୍ତି ।

ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲା ପ୍ରଭାରୀ ତଥା ପୂର୍ବତନ ବିଧାୟକ ରବି ମଲ୍ଲିକ, ସହ ପ୍ରଭାରୀ ପିସିସି ସମ୍ପାଦକ ଚନ୍ଦ୍ରଶେଖର ପରିଡ଼ା,ପିସିସି ସମ୍ପାଦକ ହୁସେନ ଖାଁ, ଯୁବ ଆଇଏନ୍‌ଟିୟୁସି ସଭାପତି ସତ୍ୟବ୍ରତ ନାୟକ,କଂଗ୍ରେସ ନେତା ଫକୀର ଚରଣ ମଲ୍ଲ,ଅଶୋକ ନାୟକ, ଲଡୁକେଶ୍ୱର ଷଡ଼ଙ୍ଗୀ, ସୁକାନ୍ତ ଶତପଥୀ, କାଶୀନାଥ ମଲ୍ଲିକ,ଅମଜାଦ ଖାଁ, ଭଗବାନ ମଲ୍ଲିକ, ପରିଡା,ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରତୀକ ମହାପାତ୍ର,ମୀର ଆବୁବକର ସିଦ୍ଧିକ, ଯୁବନେତା ଚିତ୍ତରଞ୍ଜନ ମହାଳିକ, ଗୋପାଳ ମହାପାତ୍ର,ଶ୍ରମିକ ନେତା ଆଲୋକ ପ୍ରଧାନପ୍ରମୁଖଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ । ମମିତା ମେହେର ହତ୍ୟାକାଣ୍ଡରେ ସମ୍ପୃକ୍ତ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଗିରଫ ଦାବିରେ ଆନ୍ଦୋଳନରତ ଛାତ୍ର କଂଗ୍ରେସ କର୍ମୀଙ୍କୁ ଅମାନୁଷିକ ଆକ୍ରମଣ, କଂଗ୍ରେସ ଭବନ ଭିତରେ ପୋଲିସ ପଶି କଂଗ୍ରେସ କର୍ମୀଙ୍କୁ ପୋଲିସ ପିଟିବା ପ୍ରତିବାଦରେ ଏ ଆନ୍ଦୋଳନ ହୋଇଥିଲା । ଅନ୍ୟପକ୍ଷେ ନୟାଗଡ଼ ଜିଲାର ବିଭିନ୍ନ ଗାଁରେ ଚାଲିଥିବା କଙ୍ଗାରୁ କୋର୍ଟକୁ ବନ୍ଦ କରିବା ପାଇଁ ପୋଲିସ ପ୍ରଶାସନର ଅସହାୟତାକୁ ଜିଲା କଂଗ୍ରେସ ତୀବ୍ର ସମାଲୋଚନା କରିଛି । ଆଗାମୀ ଦିନରେ କଙ୍ଗାରୁ କୋର୍ଟ ଦ୍ୱାରା ସାଧାରଣ ଜନତାଙ୍କୁ ନିର୍ଯ୍ୟାତନା ଦିଆଯାଏ ତେବେ କଂଗ୍ରେସ ଆଇନଅମାନ୍ୟ ଆନ୍ଦୋଳନ କରିବ ବୋଲି ଜିଲା କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୫ ଡିସେମ୍ବର, ୨୦୨୧



## ଏସ୍‌ପି ଅଫିସ ଆଗରେ କଂଗ୍ରେସର ବିକ୍ଷୋଭ

ପାରଳାଖେମୁଣ୍ଡି,(ଡି.ଏନ୍.ଏ.):ଭୁବନେଶ୍ୱର କଂଗ୍ରେସ କାର୍ଯ୍ୟାଳୟ ଭିତରେ ପଶି ପୋଲିସ ମାଡ ମାରିବା ଘଟଣା ପ୍ରତିବାଦରେ ରାଜ୍ୟବ୍ୟାପୀ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ ଡାକରା ଦିଆଯାଇଥିଲା। ଏହି କ୍ରମରେ ଗଜପତି ଜିଲା କଂଗ୍ରେସ ପକ୍ଷରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଏକ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲା କଂଗ୍ରେସ ସଭାପତି ତଥା ମୋହନା ବିଧାୟକ ଦାସରଥି ଗମାଙ୍ଗଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବିଜେଡ଼ି ବିରୋଧରେ ନାରାବାଜି କରିବା ସହ ମମିତା ମେହେର ଘଟଣାରେ ମନ୍ତ୍ରୀଙ୍କ ବହିଷ୍କାର ଦାବି କରିଥିଲେ। ବିକ୍ଷୋଭରେ ବସନ୍ତ କୁମାର ପଣ୍ଡା, ସୂର୍ଯ୍ୟନାରାୟଣ ପାତ୍ର, ଈଶ୍ୱର ମାଝୀ,ସଞ୍ଜୟ ଅଧିକାରୀ ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ଫିଲ୍ମ ଷ୍ଟାଇଲରେ ଦୁର୍ଘଟଣା, ବର୍ତ୍ତିଲେ କାର୍ ଚାଳକ

ବୁଗୁଡ଼ା,୧୪।୧୨(ଡି.ଏନ.ଏ.)-ପୂରା ଫିଲ୍ମ ଷ୍ଟାଇଲରେ ଘଟିଲା ଦୁର୍ଘଟଣା,ହେଲେ ସୌଭାଗ୍ୟବଶତଃ ବଞ୍ଚିଗଲେ କାର ଚାଳକ ନୟାଗଡ଼ ଥାନା ଦୂରୁଦୁରା ଗ୍ରାମର ବ୍ୟାଙ୍କ କର୍ମଚାରୀ ଭବାନୀ ପ୍ରସାଦ ସାହୁ। ଭବାନୀ ନିଜ କାର ଚଳାଇ ବ୍ରହ୍ମପୁର ଯାଉଥିବା ବେଳେ ମଙ୍ଗଳବାର ସକାଳ ୬ଟାରେ ବୁଗୁଡ଼ା ଥାନା ଅନ୍ତର୍ଗତ ବି.କରଡ଼ାବାଡ଼ି ଗ୍ରାମ ନିକଟରେ ଘଟିଲା ଦୁର୍ଘଟଣା। ଭବାନୀ ଦ୍ରୁତ ଗତିରେ ଆସୁଥିବା ବେଳେ ତାଙ୍କର ଆଖି ଲାଗିଯିବାରୁ କାରଟି ରାସ୍ତା କଡରେ ଥିବା ଏକ କଲଭର୍ଟରେ ବାଜି ପ୍ରାୟ ୬ ଫୁଟ ଉପରକୁ ଉଠି ଏକ କଦମ୍ବ ଗଛରେ ବାଡେଇ ହେବା ସହ ନାଳ ଆର ପଟକୁ ଯାଇ ଓଲଟି ପଡିଥିଲା। ସେହି ସମୟରେ ସାଇକେଲରେ ବିଲକୁ ଯାଉଥିବା ଟଭାପଲ୍ଲୀ ଗ୍ରାମର ଅର୍ଜୁନ ପ୍ରଧାନ ତାଙ୍କ ଉପରକୁ କାରଟି ମାଡି ଆସୁଥିବା ଦେଖି ସେ ସାଇକେଲ ଛାଡି ଡେଇଁ ପଡିବାରୁ ବର୍ତ୍ତିଯାଇ ଥିଲେ ହେଁ ସାଇକେଲ ଉପରେ କାର ଚଢ଼ିଯାଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଭବାନୀଙ୍କୁ ବୁଗୁଡ଼ା ମେଡିକାଲ ଆଣିଥିଲେ।

### ଆଦର୍ଶ ବିଦ୍ୟାଳୟର ଜରୁରୀ ବୈଠକ

ବୁଗୁଡ଼ା,୧୪।୧୨(ଡି.ଏନ.ଏ.)-ବୁଗୁଡା ବ୍ଲକ ଆଦର୍ଶ ବିଦ୍ୟାଳୟ ଗୋଲିଆଠାରେ ଅଧକ୍ଷ ସିଦ୍ଧାର୍ଥ ପ୍ରସାଦ ଜେନାଙ୍କ ସଭାପତିତ୍ୱରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୁଗୁଡା ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ବେହେରା, ସହ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରମୋଦ ଚନ୍ଦ୍ର ସେନାପତି, ସିଆରସିସି ବାୟା ସେଠୀ, ଅଭିଭାବକ, ଗାଡି ମାଲିକ ଓ ଚାଳକ, ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ପ୍ରଥମେ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଉକ୍ତ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ଯୁବରାଜ ସେଠୀଙ୍କ ଅକାଳ ବିୟୋଗରେ ବୈଠକରେ ଦୁଃଖ ପ୍ରକାଶ କରିବା ସହ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ସ୍କୁଲ୍ କମିଟିର ସଭାପତି ଡ.ଅମ୍ବିକା ବିଷୋୟୀଙ୍କ ଆଗତ ପ୍ରସ୍ତାବ ଅନୁସାରେ ସମସ୍ତ ଗାଡି ଚାଳକମାନେ ସଡକ ସୁରକ୍ଷା ନିୟମ ଅନୁସାରେ ଗାଡି ଚଳାଇବାକୁ ସହମତି ପ୍ରକାଶ ପାଇଥିଲା। ଶେଷରେ ଶିକ୍ଷକ ବିଘ୍ନରାଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଟାଏକୋଣ୍ଡୋ କଲର ବେଲ୍ଟ ପ୍ରତିଯୋଗିତା

ଦିଗପହଣ୍ଡି,୧୪।୧୨(ଡି.ଏନ.ଏ.)-ଦିଗପହଣ୍ଡି ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦ ସଭା ଗୃହରେ ଏକାଡେମୀ ପକ୍ଷରୁ ୨ୟ କଲର ବେଲ୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନାଟ୍ୟ ସଂସଦ ସମ୍ପାଦକ ଆଲୋକ ବିଷୋୟୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଂଘ ସଭାପତି ଶ୍ରୀକାନ୍ତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଆନ୍ତର୍ଜାତିକ ରେଫରି ପ୍ରଶିକ୍ଷକ କେ. ମନୋଜ ପ୍ରଧାନ ପରୀକ୍ଷକ ଭାବେ ଯୋଗ ଦେଇଥିଲେ। ପ୍ରଶିକ୍ଷକ ବାସୁ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ୩୦ରୁ ଅଧିକ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିବା ବେଳେ ଗଞ୍ଜାମ ଟାଏକୋଣ୍ଡୋ ଏକାଡେମୀର ପ୍ରଶିକ୍ଷକ ଇ.ଲଳିତ କୁମାର, ହୋପ୍ ଟାଏକୋଣ୍ଡୋ ଏକାଡେମୀ ପ୍ରଶିକ୍ଷକ ସି .ଏଚ. ପ୍ରସାଦ, ବ୍ରହ୍ମପୁର ଟାଏକୋଣ୍ଡୋ ଏକାଡେମୀର ପ୍ରଶିକ୍ଷକ ଜନଜ ମହାରଣା, ଆନ୍ତର୍ଜାତିକ କ୍ରୀଡାବିତ୍ ରୁଦ୍ର ନାରାୟଣ ବେହେରା ଓ ପି.ଅଭିମନ୍ୟୁ ରେଡ୍ଡୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ

ଜି.ଉଦୟଗିରି,୧୪।୧୨(ଡି.ଏନ.ଏ.)-ଜି.ଉଦୟଗିରି ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟଠାରେ ଜାତୀୟ ସେବା ଯୋଜନାର ଦିନିକିଆ କାର୍ଯ୍ୟକ୍ରମ ରବିବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରୋଗ୍ରାମ ଅଫିସର ଅଧାପିକା ସୁଧାରାଣୀ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମହିଳା ମହାବିଦ୍ୟାଳୟର ଅଧକ୍ଷ ଶିବରାମ ସାହୁ ଉଦ୍‌ଘାଟନ କରିଥିଲେ। ୫୦ ଜଣ ଛାତ୍ରୀ ଏହି ଶିବିରରେ ଭାଗ ନେଇ ମହାବିଦ୍ୟାଳୟ ପରିସରକୁ ସଫା ସୁତୁରା କରିଥିଲେ। ଅଧାପିକା ଡ. ବବିତା ରାଣୀ ପଟ୍ଟନାୟକ, ଅଧାପିକା ମିନତୀ କୁମାରୀ ଦାଶ, ଅଧାପିକା ସସ୍ମିତା ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ସ୍ୱଚ୍ଛତାର ଆବଶ୍ୟକତା ଉପରେ କହିଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଶେଷରେ ଯୋଜନା ଅଧିକାରିଣୀ ଅଧାପିକା ସୁଧାରାଣୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## କଲେଜରେ ଆଡମିଶନ ନାଁରେ ୨ଲକ୍ଷ ୩୯ ହଜାର ଠକେଇ

### ମହଙ୍ଗା ପଡ଼ିଲା ସୋସିଆଲ ମିଡିଆ ବିଜ୍ଞାପନ

ହିଞ୍ଜିଳିକାଟୁ,୧୪।୧୨(ଡ଼ି.ଏନ୍.ଏ)

ବ୍ରହ୍ମପୁରସ୍ଥିତ ଏକ ଇଞ୍ଜିନିୟରିଂ କଲେଜରେ କମ ଟଙ୍କାରେ ପୁଅର ଆଡ଼ମିଶନ କରାଇ ଦେବା ଲୋଭ ଦେଖାଇ ଜଣେ ମହିଳା ବଇଁଚବଣିଆ ଚୈତନ୍ୟ ମାର୍ଗ ବାସିନ୍ଦା ବସନ୍ତ ପୋଲାଇଙ୍କ ଠାରୁ ୨ଲକ୍ଷ ୩୯ହଜାର ଟଙ୍କା ଠକେଇ କରିଛନ୍ତି। ସୋସିଆଲ ମିଡ଼ିଆରେ ପ୍ରକାଶିତ ଏକ ବିଜ୍ଞାପନ ଜାଲରେ ପଡ଼ି ବସନ୍ତ ଟଙ୍କା ହରାଇଛନ୍ତି। ଏ ନେଇ ସେ ହିଞ୍ଜିଳି ଥାନାରେ ସୋମବାର ଅଭିଯୋଗ କରିଛନ୍ତି। ପୋଲିସ ନଂ.୬୪୭/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଆଇଆଇସି ଅଭିମନ୍ୟୁ ଦାଶ କହିଛନ୍ତି।

ପ୍ରକାଶ ଯେ, ବସନ୍ତଙ୍କ ପୁଅ ଯୁକ୍ତ ୨ପାଶ ପରେ ବ୍ରହ୍ମପୁରର ଏକ କଲେଜରେ ବି-ଟେକ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଏହି ସମୟରେ ମୋବାଇଲରେ ହ୍ୱାଟ୍‌ସଆପ ଦ୍ୱାରା ଲଞ୍ଚପ୍ୟାଡ଼ କ୍ୟାରିଅର କନସଲଣ୍ଟାନ୍ସି ରାଉରକେଲା ଦ୍ୱାରା ପ୍ରକାଶିତ ହେବା ଭଳି ଏକ ବିଜ୍ଞାପନରେ ପ୍ରଭାବିତ ହୋଇ ବସନ୍ତ ସେଥିରେ ଥିବା ଫୋନ ନମ୍ବରରେ ଯୋଗାଯୋଗ କରିଥିଲେ। ଜଣେ ମହିଳା ନିଜକୁ ଉକ୍ତ କନସଲଣ୍ଟାନ୍ସିର କର୍ମଚାରୀ ପରିଚୟ ଦେଇ ବ୍ରହ୍ମପୁର ଉକ୍ତ କଲେଜରେ ପଛୁଆ ବର୍ଗ ସଂରକ୍ଷଣ କୋଟାରେ କମ୍ ଡୋନେସନରେ ଆଡମିଶନ କରାଇଦେବାକୁ କହିଥିଲେ। ତାଙ୍କ କହିବା ପ୍ରକାରେ ବସନ୍ତ ଗତ ଅଗଷ୍ଟ ମାସରେ ଝାଡ଼ଖଣ୍ଡ ବିଷ୍ଣୁପୁର ଏସବିଆଇ ଶାଖାର ଏକ ଆକାଉଣ୍ଟକୁ ନିଜ ଆକାଉଣ୍ଟରୁ ୮କିସ୍ତିରେ ୨,୩୯,୬୫୨ଟଙ୍କା ଟ୍ରାନ୍ସଫର କରିଥିଲେ। ୮କିସ୍ତିରେ ଟଙ୍କା ଟ୍ରାନ୍ସଫର ପରେ ବସନ୍ତ ଓ ତାଙ୍କ ପୁଅ କଲେଜରେ ଆଡ଼ମିଶନ ନେଇ ବାରମ୍ବାର ସମ୍ପୃକ୍ତ ମହିଳାଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ବିଳମ୍ବ କରିଥିଲେ। କଲେଜର ଆଡ଼ମିଶନ ତାରିଖ ଅତିକ୍ରାନ୍ତ ପରେ ବି ମହିଳା ଜଣକ ବସନ୍ତଙ୍କ ଟଙ୍କା ନ ଫେରାଇବାରୁ ସେ ଠକାମୀର ଶିକାର ହୋଇଥିବା ଜାଣି ପାରିଥିଲେ।

## ସ୍ମାର୍ଟ ସ୍କୁଲ କାର୍ଯ୍ୟ, ଇକୋ ରିଟ୍ରିଟ ଦେଖିଲେ ଜିଲାପାଳ



ଜିଲାପାଳ ଡ.ବୃନ୍ଦା ଡି. କିରିକୁଟି ସ୍ମାର୍ଟ ସ୍କୁଲ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

ଦାରିଙ୍ଗବାଡ଼ି,୧୪।୧୨(ଡି.ଏନ.ଏ)

କନ୍ଧମାଳ ଜିଲାପାଳ ଡ.ବୃନ୍ଦା ଡି. ମଙ୍ଗଳବାର ଦାରିଙ୍ଗବାଡ଼ି ବ୍ଲକ ଗସ୍ତରେ ଆସି ପ୍ରସ୍ତାବିତ ସ୍ମାର୍ଟ ସ୍କୁଲ କାର୍ଯ୍ୟ ଓ ବୁଧବାର ଆରମ୍ଭ ହେବାକୁ ଥିବା ଇକୋ ରିଟ୍ରିଟ ବୁଲି ଦେଖିଥିଲେ। ଜିଲାପାଳ ପ୍ରଥମେ ଇକୋ ରିଟ୍ରିଟରେ ପର୍ଯ୍ୟଟକଙ୍କ ପାଇଁ ନିର୍ମିତ ସମସ୍ତ ସାମାଜିକ ସୁରକ୍ଷା ଏବଂ ବିଭିନ୍ନ ବ୍ୟବସ୍ଥା ପରଖିବା ସହ ବାଲିଗୁଡ଼ା ଉପଜିଲାପାଳ ଶୁଭଙ୍କର ମହାପାତ୍ର, ବିଡିଓ ଗଦାଧର ପାତ୍ର, ପର୍ଯ୍ୟଟନ ବିଭାଗ ଅଧିକାରୀଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ସେ ବ୍ଲକରେ ପ୍ରସ୍ତାବିତ ୭ଟି ସ୍ମାର୍ଟ ସ୍କୁଲ ମଧ୍ୟରୁ ଦାରିଙ୍ଗବାଡ଼ି ଆଦର୍ଶ ବିଦ୍ୟାଳୟ ଏବଂ କିରିକୁଟି ସରକାରୀ ଉଚ୍ଚ ବିଦ୍ୟାଳୟର କାର୍ଯ୍ୟ ବୁଲି ଦେଖିଥିଲେ । ଉକ୍ତ ଅଞ୍ଚଳରେ ଛାତ୍ରୀଛାତ୍ରମାନଙ୍କ ଫୁଟବଲ୍, ଭଲିବଲ୍, କବାଡ଼ି ଆଦି କ୍ରୀଡ଼ା ପ୍ରତି ଆଗ୍ରହ ରହିଥିବା ବେଳେ ଏକାଧିକ ବିଦ୍ୟାଳୟରେ ଖେଳପଡ଼ିଆ ପାଇଁ ସ୍ଥାନ ସମସ୍ୟା ଦେଖାଯାଉଥିବା ଉପସ୍ଥିତ ଅଧିକାରୀମାନେ ଜିଲାପାଳଙ୍କୁ ଅବଗତ କରାଇଥିଲେ । ଜିଲାପାଳଙ୍କ ଗସ୍ତ ବେଳେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଶିଶିର କୁମାର ପାତ୍ର, କନିଷ୍ଠ ଯନ୍ତ୍ରୀ ତୁଷାର ରଞ୍ଜନ ସେଠି, ଘନଶ୍ୟାମ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ ।

## ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଗଜପତି ପ୍ରଥମ



ପୁରସ୍କାର ସହ କୃତୀ ପ୍ରତିଯୋଗୀ।

ଆର.ଉଦୟଗିରି, ୧୪।୧୨(ଡି.ଏନ.ଏ.)

ଭୁବନେଶ୍ୱର ୟୁନିଟି ୩ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ସ୍କାଉଟ ଓ ଗାଇଡର ନୃତ୍ୟୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଜପତି ଜିଲା ଆର.ଉଦୟଗିରି ବ୍ଲକ କେଏମ ଭାଲିଆସାହି ସରକାରୀ ଉଚ୍ଚ ବିଦ୍ୟାଳୟର ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। ନୃତ୍ୟ ପ୍ରତିଯୋଗିତାରେ ସମଗ୍ର ରାଜ୍ୟରେ ଏହି ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଦଳବେହେରା, ଜିଲା କ୍ରୀଡା ଅଧିକାରୀ ସଞ୍ଜୟ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ବିଦ୍ୟାର୍ଥୀ ଏହି ସଫଳତା ହାସଲ କରିଛନ୍ତି। ଏହାର ଶ୍ରେୟ ଜିଲା ଶିକ୍ଷାଧିକାରୀଙ୍କୁ ଦେଇଛନ୍ତି। ଜିଲା ସ୍କାଉଟ ଓ ଗାଇଡ କମିସନର ପ୍ରଫୁଲ କୁମାର ମାହାନ୍ତି, ତାଲିମ କମିସନର ସୁରେଶ ପାତ୍ର, କିଶୋର ଚନ୍ଦ୍ର ଦାସ ଏବଂ ବିଦ୍ୟାଳୟର ଗାଇଡ ଶିକ୍ଷକ ପ୍ରହ୍ଲାଦ ସିଆଳ ଓ କର୍ମଚାରୀ ରୁନୁ ରଇତଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମ୍ପୂର୍ଣ୍ଣ ସହଯୋଗରେ ସଫଳତା ହାସଲ କରିଥିବା ହେତୁ ସମସ୍ତଙ୍କୁ ପ୍ରଧାନ ଶିକ୍ଷକ କୃତଜ୍ଞତା ଜଣାଇଛନ୍ତି। ନୃତ୍ୟ ଦଳରେ ଧରାତ୍ରି ନାୟକ, ପ୍ରମିଳା ନାୟକ, ଜୟନ୍ତୀ ଗମାଙ୍ଗ, ପ୍ରିୟଙ୍କା ମଣ୍ଡଳ, ସୁମିତ୍ରା ବଡରଇତ, ଗୀତାଞ୍ଜଳି ପୂଜାରୀ, ବିଦ୍ୟାବତୀ ନାୟକ, ବିକି ବଡମୁଣ୍ଡି, ରୁଚିତ୍ରା ରଇତ, ପୁନ୍ନାବତୀ ନାୟକ, ଶିବାନୀ ରାଇକା ଅଂଶଗ୍ରହଣ କରିଥିଲେ।

## ଓଡ୍ର ସାହିତ୍ୟ ସଂସଦର ସାଧାରଣ ଅଧିବେଶନ

ଶେରଗଡ,୧୪।୧୨(ଡି.ଏନ୍.ଏ.)

ଶେରଗଡ଼ ବ୍ଲକ ରାମଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟରେ ଓଡ୍ର ସାହିତ୍ୟ ସଂସଦର ସାଧାରଣ ଅଧିବେଶନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଦାରିଙ୍ଗବାଡି ବିଡିଓ ଗଦାଧର ପାତ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ରାଜନୀତିବିଜ୍ଞାନ ଅଧାପକ ଦାଶରଥି ଭୂୟାଁ, ଓକିଲ ପ୍ରଦୀପ୍ତ ଚନ୍ଦ୍ର ସିଂହ, ଅଧାପକ ସଞ୍ଜୟ କୁମାର ଷଡ଼ଙ୍ଗୀ, ରଜନୀ କାନ୍ତ ପାଢ଼ୀ, ଚିନ୍ମୟ ରଞ୍ଜନ ମିଶ୍ର, ଶୁଭଶ୍ରୀ ନାୟକ ଓ ବନ୍ଦନା ମିଶ୍ର ଯୋଗ ଦେଇ ସାହିତ୍ୟର ବିଭିନ୍ନ ଦିଗ ଆଲୋକପାତ କରିଥିଲେ। କୃତୀ ସାହିତ୍ୟିକ ଓ କବିମାନଙ୍କୁ ପୁରସ୍କାର ଦିଆଯାଇଥିଲା।

## ୨୨ ପରିବାର ଦେଖିଲେ ବିଜୁଳି ଆଲୁଅ

ଭଞ୍ଜନଗର,୧୪।୧୨(ଡି.ଏନ.ଏ)

ଦେଶର ସମସ୍ତ ଘରକୁ ବିଜୁଳି ସେବା ଯୋଗାଇ ଦିଆଯାଇଛି ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି । କିନ୍ତୁ ତାହା କାଗଜ କଲମରେ ଥିବା ଭଳି ମନେ ହେଉଛି । ଭଞ୍ଜନଗର ବ୍ଲକ ଦଦରାଲୁଣ୍ଡା ପଞ୍ଚାୟତ ମିଠ୍ରିକିଆ, ତଡ଼ମା ଗ୍ରାମକୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ପହଞ୍ଚି ପାରିନାହିଁ। ଏହିଭଳି ପରିସ୍ଥିତିରେ ରବିବାର ହେଲ୍ପ ଇଣ୍ଡିଆ ପକ୍ଷରୁ ମିଠ୍ରିକିଆ ଗ୍ରାମରେ ସୋଲାର ଲାଇଟ୍ ବ୍ୟବସ୍ଥା କରାଯାଇଛି। କିଛିଦିନ ପୂର୍ବେ ଉକ୍ତ ଗ୍ରାମକୁ ହେଲ୍ପ ଇଣ୍ଡିଆ ପରିବାରର ସଦସ୍ୟମାନେ ବୁଲିବାକୁ ଯାଇଥିଲେ। ପାହାଡ଼ ଘେର ମଧ୍ୟରେ ଥିବା ଉକ୍ତ ଗ୍ରାମକୁ ବିଦ୍ୟୁତ୍ ସେବା ପହଞ୍ଚି ନଥିବା କର୍ମକର୍ତ୍ତାମାନେ ଜାଣିବା ପରେ ସୋମବାର ସୋଲାର ଲାଇଟ ବ୍ୟବସ୍ଥା କରିଥିଲେ। ଏହି ସମୟରେ ଜିଲା ସଭାପତି ଶିବ ଶଙ୍କର ପ୍ରଧାନ, ପ୍ରତିଷ୍ଠାତା ପ୍ରଶାନ୍ତ ମହାନ୍ତି, ମୁଜାଗଡ଼ ସରପଞ୍ଚ ଶିବ ଶଙ୍କର ପ୍ରଧାନ, ମୁଜାଗଡ଼ ସଦସ୍ୟ ବଳରାମ ସାହୁ, ଦିପୁ ଡାକୁଆ, ସରୋଜ ବିଷୋୟୀ, ଅଜୟ ନାୟକ, ଲିପୁ ଡାକୁଆ, ମଣ୍ଟୁ ନାୟକ, ନାରାୟଣ ନାୟକ, ଜଗନ୍ନାଥ ପ୍ରଧାନ, ଆଶିଷ ଗୌଡ଼,ବାପି, ସୁଶିଲ, ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ତଡ଼ମା ଗ୍ରାମରେ ଗରିବ ଲୋକଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ଗ୍ରାମରେ ମଧ ବିଦ୍ୟୁତ୍ ଏବଂ ଶିକ୍ଷା ବ୍ୟବସ୍ଥା ନଥିବାରୁ ଚଳିତ ମାସ ଶେଷ ସୁଧା ସୋଲାର ଲାଇଟ୍ ବ୍ୟବସ୍ଥା କରାଯିବ। ଏଥିସହ ଜଣେ ବେସରକାରୀ ଶିକ୍ଷକଙ୍କୁ ଶିକ୍ଷାଦାନ ପାଇଁ ସଙ୍ଗଠନ ପକ୍ଷରୁ ପଦକ୍ଷେପ ନିଆଯାଉଛି ।

## ପଦାର୍ଥ ବିଜ୍ଞାନ ବିଭାଗ ଆଲୋଚନାଚକ୍ର





ଆଲୋଚନାରେ ଭାଗ ନେଇଥିବା ଅତିଥିମାନେ ।

ଭଞ୍ଜନଗର,୧୪।୧୨(ଡି.ଏନ୍.ଏ.):

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ଏକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ ଛାତ୍ରଙ୍କୁ ମଧ ସ୍ୱାଗତ କରାଯାଇଥିଲା। ଅଧକ୍ଷ ଡ. ସୁବାସ ଚନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରାଧ୍ୟାପକ ଡ. ରବିନ୍ଦ୍ର ନାଥ ପାଳ, ବିଭୂତି ଭୂଷଣ ପାଣିଗ୍ରାହୀ, ପ୍ରାଧ୍ୟାପକ ସାତ୍ୱିକି ସାହୁ, ରାଜେନ୍ଦ୍ର କୁମାର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ବିଭାଗୀୟ ମୁଖ୍ୟ ଅଧାପିକା ସସ୍ମିତା ଦାସ ବୈଠକ ସମ୍ପର୍କରେ ସୂଚନା ଦେଇଥିଲେ। ଛାତ୍ରୀ ସନ୍ଧ୍ୟାରାଣୀ, ସୋନାଲି ପଣ୍ଡା, ପୂଜା ସ୍ୱାଇଁ, ସୁନିତା ବେହେରା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଅଧାପିକା ପ୍ରତିଧ୍ୱନି ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧାପିକା ସୁଦ୍ଧାଶ୍ରୀ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

## ଓଏସ୍‌ଏପି ଯବାନଙ୍କ ବିରୋଧରେ ବଳାତ୍କାର ଅଭିଯୋଗ
## ଡିଜିପି ଅଫିସ ସମ୍ମୁଖରେ ମହିଳାଙ୍କ ଧାରଣା

କଟକ ଅଫିସ,୧୪।୧୨:

ଗଞ୍ଜାମ ଜିଲା ରମ୍ଭା ଅଞ୍ଚଳର ଜଣେ ମହିଳା ବଳାତ୍କାରର ଶିକାର ହୋଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ପୋଲିସଠାରୁ ନ୍ୟାୟ ନ ମିଳିବାରୁ ମହିଳା ଜଣକ ନିଜର ୨ ଶିଶୁଙ୍କୁ ଧରି ମଙ୍ଗଳବାର କଟକସ୍ଥିତ ଡିଜିପି ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି। ତୁରନ୍ତ ନ୍ୟାୟ ପ୍ରଦାନ ସହ ବଳାତ୍କାର କରିଥିବା ଅଭିଯୁକ୍ତଙ୍କୁ ଦଣ୍ଡ ନ ମିଳିଲେ ଆତ୍ମହତ୍ୟା କରିବେ ବୋଲି ସେ ଚେତାବନୀ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ୮ ତାରିଖ ସନ୍ଧ୍ୟାରେ ରମ୍ଭା ଅଞ୍ଚଳର ମହିଳା ଜଣକ ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ଓଡ଼ିଶା ସ୍ପେଶାଲ ଆର୍ମ୍ଡ ପୋଲିସ(ଓଏସ୍‌ଏପି) ତୃତୀୟ ବାଟାଲିୟନର ଜଣେ ଯବାନ ତାଙ୍କ ଘରେ ପଶି ଦୁର୍ବ୍ୟବହାର ସହ ତାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ମହିଳା ଜଣଙ୍କ ରମ୍ଭା ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ସମ୍ପୃକ୍ତ ଯବାନଙ୍କୁ ଅଟକ ରଖିବା ସହ ମହିଳାଙ୍କ ଡାକ୍ତରୀ ମାଇନା କରାଇଥିଲା। ପରେ ପୋଲିସ ଉକ୍ତ ଯବାନଙ୍କୁ ଛାଡି ଦେଇଥିବା ମହିଳା ଜଣଙ୍କ ଅଭିଯୋଗ କରିଛନ୍ତି। ତେଣୁ ନ୍ୟାୟ ପାଇଁ ସେ ଡିଜିପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ନୃସିଂହାନନ୍ଦଙ୍କୁ ଶିଶିର ବିନ୍ଦୁ ସମ୍ମାନ



ଅତିଥିଙ୍କ ଗହଣରେ ନୃସିଂହାନନ୍ଦ ।

ଫୁଲବାଣୀ ଅଫିସ, ୧୪।୧୨

କନ୍ଧମାଳ ଜିଲାର ଶିକ୍ଷାବିତ୍ ତଥା କବି ନୃସିଂହାନନ୍ଦ ମହାପାତ୍ରଙ୍କୁ ଝାରଖଣ୍ଡରେ ପଣ୍ଡିତ ଦୁର୍ଗାଚରଣ କର ସାହିତ୍ୟ ସଂସଦ ପକ୍ଷରୁ ଚଳିତ ବର୍ଷର ଶିଶିର ବିନ୍ଦୁ ସମ୍ମାନରେ ସମ୍ମାନିତ କରାଯାଇଛି। ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏକ ବର୍ଣ୍ଣାଢ଼୍ୟ ସମାରୋହରେ ଅତିଥିମାନେ ତାଙ୍କୁ ମାନପତ୍ର, ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ଏହି ଅବସରରେ ସେମାନେ ମହାପାତ୍ରଙ୍କ ସମାଜସେବା, ସାହିତ୍ୟ ସୃଷ୍ଟି ଉପରେ ଆଲୋକପାତ କରିଥିଲେ । ରାଜ୍ୟ ବାହାରେ ପୁରସ୍କୃତ ହୋଇଥିବାରୁ ଜିଲାର ବିଭିନ୍ନ ସାହିତ୍ୟିକମାନଙ୍କ ତରଫରୁ ମହାପାତ୍ରଙ୍କୁ ଶୁଭେଚ୍ଛା ଜଣାଯାଇଛି । ମହାପାତ୍ର ଏବେ ଫୁଲବାଣୀ ସରକାରୀ ଆଇଟିଆଇରେ ତାଲିମ ଅଧିକାରୀ ଅଛନ୍ତି।

## ଜିଲାସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ





ଅତିଥିଙ୍କ ଦ୍ୱାରା ବିଜେତା ଦଳକୁ ପୁରସ୍କୃତ କରାଯାଉଛି ।

ବଲସକୁମ୍ପା,୧୪।୧୨

ଖଜୁରିପଡ଼ା ବ୍ଲକ୍ ଦୁତିମେଣ୍ଡି ଗ୍ରାମ ପଞ୍ଚାୟତ ଅଧୀନ ସମ୍ନେପଦର ବାବା ସୋମନାଥ ଯୁବକ ସଂଘ ତରଫରୁ ଜିଲା ସ୍ତରୀୟ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କନ୍ଧମାଳ ଜିଲାର କୋଣ ଅନୁକୋଣରୁ ବଛା ବଛା ଟିମ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଦୁଇ ଦିନିଆ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ଫୁଲବାଣୀ ଦଳ ବିଜେତା ହୋଇଥିବା ବେଳେ ଫିରିଙ୍ଗିଆ ଦଳ ଉପବିଜେତା ହୋଇଥିଲା ଏବଂ ବଉଦ ଜିଲା ଶାନ୍ତି ଶୃଙ୍ଖଳା ଟିମ୍ ଭାବେ ମନୋନୀତ ହୋଇଥିଲେ। ଉକ୍ତ ପ୍ରତିଯୋଗିତାକୁ ମଧୁସୂଦନ ବେହେରା (ରୁନା) ଏବଂ ପ୍ରଶାନ୍ତ ସାହୁ ମୁଖ୍ୟ ପରିଚାଳନା କରିଥିବା ବେଳେ ଯଶବନ୍ତ ନାରାୟଣ ସାହୁ, ଗଗନ ମଲ୍ଲିକ, ଶୁଭ୍ରାଂଶୁ ଶେଖର ନାୟକ ଏବଂ ବାଦଲ ସେଠୀ ସହଯୋଗ କରିଥିଲେ। ଖେଳଟିକୁ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶମହେନ୍ଦ୍ରନାଥ ମୁର୍ମୁ ଉଦ୍‌ଘାଟନ କରିଥିବା ବେଳେ ଅନ୍ତିମ ଦିବସରେ ମୁଖ୍ୟ ଅତିଥି ଭାବେ ଖଜୁରିପଡ଼ା ବିଡିଓ ରବୀନ୍ଦ୍ରନାଥ କହଁର ଯୋଗଦେଇ ସମ୍ମାନିତ ଅତିଥି ଭାବେ ଅନନ୍ତ କୁମାର ଦିଗାଲ, ଖବରଦାତା ବିଦୁର ବେହେରା, ସମୀର ପ୍ରସାଦ ଝାଙ୍କର ଯୋଗଦେଇଥିଲେ। ପ୍ରତିଯୋଗିତାରେ କମିଟି ତରଫରୁ ବିଜେତା ଦଳକୁ ପୁରସ୍କାର ରାଶି ୩୩୦୧ ଟଙ୍କା ସହିତ ଟ୍ରଫି ଏବଂ ଉପବିଜେତା ଦଳକୁ ପୁରସ୍କାର ରାଶି ୩୦୦୦ ସହିତ ଟ୍ରଫି ପ୍ରଦାନ କରାଯାଇଥିଲା।

## ପାନ ଦୋକାନୀଙ୍କୁ ହତ୍ୟା ଧମକ ମାମଲା, ଅଭିଯୁକ୍ତ ଗଲେ ଜେଲ

ଦିଗପହଣ୍ଡି,୧୪।୧୨(ଡି.ଏନ.ଏ.)

ଦିଗପହଣ୍ଡି ଥାନା ଫାସିଗୁଡା ଗ୍ରାମରେ ଜଣେ ପାନ ଦୋକାନୀଙ୍କୁ ଗାଳିଗୁଲଜ ସହ ହତ୍ୟା ଧମକ ଅଭିଯୋଗରେ ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଫାସିଗୁଡା ଗ୍ରାମର ମୁନା ନାୟକ ଓରଫ ଲଣ୍ଡା। ଥାନା ମାମଲା ନଂ.୩୩୦/୨୧ରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଗତ ସୋମବାର ସକାଳେ ଫାସୀଗୁଡ଼ା ଗ୍ରାମର ରମେଶ ଚନ୍ଦ୍ର ବେହେରାଙ୍କ ପାନ ଦୋକାନ ନିକଟକୁ ଯାଇ ଅଭିଯୁକ୍ତ ମୁନା ଦୋକାନ ଉଠାଇବା ପାଇଁ କହିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ, ଦୋକାନ ଜାଳିଦେବା ସହ ହତ୍ୟା ଧମକ ଦେଇଥିବା ରମେଶ ଏତଲା ଦେଇଥିଲେ।

## ଭାଜପା ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ

ବୁଗୁଡା,୧୪।୧୨(ଡି.ଏନ.ଏ.)

ବୁଗୁଡା ବ୍ଲକ ଖୋଲଖାଲି ଗ୍ରାମ ବଡଦାଣ୍ଡରେ ମଙ୍ଗଳବାର ଭାଜପା ପକ୍ଷରୁ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯୁବ ନେତା କାର୍ତ୍ତିକ କୁମାର ମଙ୍ଗାଳଙ୍କ ଆବାହକତ୍ୱରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଘୁମୁସର ଜିଲା ଭାଜପା ସଭାପତି ଗୋକୁଳାନନ୍ଦ ମଲିକ, ବୁଗୁଡା ଏନ୍‌ଏସି ପ୍ରାକ୍ତନ ଉପନଗରପାଳ ଇ.ସୁବ୍ରତ କୁମାର ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଅରୁଣ କୁମାର ପଣ୍ଡା, ଯୁବ ମୋର୍ଚ୍ଚା ଉପସଭାପତି କେଦାର ମହାରଣା, ସମ୍ପାଦକ କୃଷ୍ଣ ଚନ୍ଦ୍ର ମହାପାତ୍ର, ନଗର ମଣ୍ଡଳ ସଭାପତି ସୂର୍ଯ୍ୟ ନାରାୟଣ ମହାନ୍ତି, କରଚୁଲୀ ମଣ୍ଡଳ ସଭାପତି ବିଷ୍ଣୁ ଚରଣ ପ୍ରଧାନ, ମାଣିତରା ମଣ୍ଡଳ ସଭାପତି ସୁଶାନ୍ତ କୁମାର ଡାକୁଆ, ହରିକୃଷ୍ଣ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ।

## ଜ୍ୟୋତର୍ବିଜ୍ଞାନ ପ୍ରତିଭା ସନ୍ଧାନ ପ୍ରତିଯୋଗିତାରେ ୨ ଛାତ୍ରୀ ବିଜୟୀ

ପାରଳାଖେମୁଣ୍ଡି,୧୪।୧୨(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ସେଞ୍ଚୁରିଆନ ପବ୍ଲିକ ସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ନିରୁପମା ପଟ୍ଟନାୟକ ଓ ଅଷ୍ଟମ ଶ୍ରେଣୀ ଛାତ୍ରୀ ବିରଜା ଜେନା ଯୁବ ଜ୍ୟୋତିର୍ବିଜ୍ଞାନ ପ୍ରତିଭା ସନ୍ଧାନ ପ୍ରତିଯୋଗିତାରେ ବିଜୟୀ ହୋଇଛନ୍ତି। ପଠାଣି ସାମନ୍ତ ପ୍ଲାନିଟୋରିୟମ ସହିତ ମିଳିତ ଭାବରେ ଟାଟା ଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନ ପ୍ରତିଭା ସନ୍ଧାନର ପ୍ରତିଯୋଗିତା ଭର୍ଚୁଆଲରେ ଗତ ୧୨ଓ ୧୩ ତାରିଖରେ ହୋଇଥିଲା। ପ୍ରତିଯୋଗୀମାନଙ୍କୁ ବ୍ୟକ୍ତିଗତ ସାକ୍ଷାତକାର ମାଧ୍ୟମରେ ବିଶେଷଜ୍ଞମାନଙ୍କ ଏକ ଚୟନକାରୀ ଦଳ ମୂଲ୍ୟାୟନ କରିଥିଲେ। ଏଥିରେ ବରିଷ୍ଠ ବିଭାଗରେ ନିରୁପମା ଓ କନିଷ୍ଠ ବିଭାଗରେ ବିରଜା ବିଜୟୀ ହୋଇଛନ୍ତି। ପ୍ରିନ୍ସିପାଲ ସୁନିତା ପାଣିଗ୍ରାହୀ ଓ ଅନ୍ୟ ଶିକ୍ଷକ ଉଭୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଜଳ ସମ୍ପଦ ଯନ୍ତ୍ରୀଙ୍କ କୃଷ୍ଣସାଗର ଜଳ ଭଣ୍ଡାର ଅନୁଧ୍ୟାନ

କାଶୀନଗର,୧୪।୧୨(ଡି.ଏନ.ଏ.)

ଗଜପତି ଜିଲାର କୃଷି ଓ କୃଷକର ହିତ ନିମନ୍ତେ ବିଭିନ୍ନ ଜଳଭଣ୍ଡାର ସୀତାସାଗର, ରାମ ସାଗର, କୃଷ୍ଣ ସାଗର ବଡ଼ ବଡ଼ ଜଳଭଣ୍ଡାର ମାନ ନିର୍ମାଣ କରିଥିଲେ ପାରଳା ମହାରାଜା। କାଶୀନଗର ବଡ଼ ଜଳଭଣ୍ଡାର ତଥା ଭାତହାଣ୍ଡି କୃଷ୍ଣ ସାଗରର ପୁନରୁଦ୍ଧାର ନିମନ୍ତେ ଜଳ ସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ ଲିଙ୍ଗରାଜ ଗୌଡ଼, ସର୍ବୋଚ୍ଚ ଯନ୍ତ୍ରୀ ବିଜୟ କୁମାର ମିଶ୍ର, ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା, ଅଧୀକ୍ଷଣ ଯନ୍ତ୍ରୀ ଯାମିନୀକାନ୍ତ ଦାସ ପ୍ରମୁଖ ଉକ୍ତ ସାଗର ନିକଟରେ ମଙ୍ଗଳବାର ପହଞ୍ଚି ପୁନରୁଦ୍ଧାର କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି।

## ବିଜେଡିର ସାଙ୍ଗଠନିକ ବୈଠକ

ପୋଲସରା,୧୪।୧୨(ଡି.ଏନ.ଏ.)

ପୋଲସରା ବ୍ଲକ ମହାଲିଙ୍ଗେଶ୍ୱର ଶୈବପୀଠରେ ମଙ୍ଗଳବାର ବିଜେଡିର ସାଙ୍ଗଠନିକ ବୈଠକ କଣଛାଇ ସରପଞ୍ଚ ପାଣ ନାହାକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଣଛାଇ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ଓ ବିଜେଡି ଆଗାମୀ ପଞ୍ଚାୟତ ନିର୍ବାଚନରେ କିଭଳି ବିଜୟୀ ହେବ ସେଥିନେଇ ଆଲୋଚନା ହୋଇଥିଲା। ଦୀର୍ଘ ବର୍ଷ ହେବ କଣଛାଇ ପଞ୍ଚାୟତରେ ପଞ୍ଚାୟତ କାର୍ଯ୍ୟାଳୟଟିଏ ମଧ ନ ଥିଲା। ତାହା ସାକାର ହୋଇଛି ବୋଲି କଣଛାଇ ଗ୍ରାମର ଝୁଟିଆ ଗୌଡ଼, ହାତୀପାଦପଲ୍ଲୀର ସୁବାସ ନାହାକ, ଶିବରାମ ପ୍ରଧାନ ପ୍ରମୁଖଙ୍କ ସମେତ ବହୁ ବ୍ୟକ୍ତି ପ୍ରକାଶ କରିଥିଲେ।